୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.239 Bhubaneswar Sunday November 03 2024 | ୨୬ତମ ବର୍ଷ ସଂଖ୍ୟା-୨୩୯ ଭୁବନେଶ୍ୱର, ରବିବାର, ନଭେମ୍ବର ୦୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ନାଳନ୍ଦାଠାରେ ଭୟଙ୍କର କାର୍ ଦୁର୍ଘଟଣାରେ ଓଡ଼ିଆ ପରିବାରର ଦୁଇ ଓଡ଼ିଆ ମୃତ ଅନ୍ୟ ଦୁଇଜଣ ଅତ୍ୟନ୍ତ ସଙ୍କଟାପନ୍ନ







ପାଟଣା / ଭୁବନେଶ୍ୱର, ୨।୧୧(ପି.ଏନ): ବିହାରର ନାଳନ୍ଦାଠାରେ ହୋଇଥିବ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଓଡ଼ିଶାର ପିପିଲର ଏକ ପରିବାରର ୪ ସଦସ୍ୟଙ୍କ ମଧ୍ୟରୁ ପିତା ସତ୍ୟନାରାୟଣ ଶତପଥୀ, ପୁତ୍ର ଓମ୍ ପ୍ରକାଶ ଶତପଥର ମୃତ ଘୋଷିତ ହୋଇଥିବାବେଳେ ସ୍ତ୍ରୀ ରାଜଲକ୍ଷ୍ମୀ, ଝିଅ ପାଏଲ ଓ କାର ଚାଳକ ନରେନ୍ଦ୍ର ସାହୁଙ୍କୁ ସ୍ୱହସରାୟ ଥାନା ପ୍ରଭାରୀ ଅତ୍ୟନ୍ତ ଶଙ୍କଟପନ୍ନ ଅବସ୍ଥାରେ ଭର୍ତ୍ତି କରାଯାଇଥିବା ସଦର ହସ୍ପିଟାଲରୁ ପାଟଣାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରତ୍ୟୋକ୍ଷଦର୍ଶୀଙ୍କ କହିବା ଅନୁଯାୟୀ କାର ଡ୍ରାଇକର ଆଖି ଲାଗିଯାଇଥିବାରୁ ଅପରପକ୍ଷରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ସହ ପିଟି ହୋଇଯାଇଥିଲା। ଦୁର୍ଘଟଣାଟି ଅତ୍ୟନ୍ତ ଭୟଙ୍କର ଥିବା ବେଳେ କାରଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି।ପେସାରେ ଓକିଲ ଥିବା ମୃତ ସତ୍ୟନାରାୟଣ ଶତପଥୀ ପରିବାର ସହ ତୀର୍ଥ ଯାତ୍ରାରେ ଯାଇଥିଲେ। ଦୁର୍ଘଟଣା ଗ୍ରସ୍ତ କାରରୁ ଗଙ୍ଗାଜଳ ଓ ପ୍ରସାଦ ମିଳିଥିଲା। ମୃତ ସତ୍ୟନାରାୟଣଙ୍କ ସମ୍ପର୍କୀୟ ଅଜିତ ତ୍ରିପାଠୀ ଦୁର୍ଘଟଣାଗ୍ରସ୍ତ ତାଙ୍କ ପରିବାରକୁ ପାଟଣା ଠାରେ ସାହାର୍ଯ୍ୟ କରିଥିବା ସର୍ବଭାରତୀୟ ରେଳସେବା ଅଧିକାରୀ ଅଖିଳେଶ ପାଣ୍ଡେ, ବ୍ୟାଙ୍କ ପରିଚାଳକ ସଞ୍ଜୟ କୁମାର ଗୋରଖପୁରରେ କାର୍ଯ୍ୟରତ ଲୋକପ୍ରିୟ ଓଡ଼ିଆ ସର୍ବଭାରତୀୟ ରେଳସେବା ଅଧିକାରୀ ଅନୁପ ଶତପଥୀ ଓ ଶବ ଦାହରେ ସମ୍ପୂର୍ଣ୍ଣ ସାହାଯ୍ୟ କରିଥିବା ପି.ଏନ.ବି କର୍ମଚାରୀ ପ୍ରଶାନ୍ତ କୁମାରଙ୍କ ନିକଟରେ ଚିରକୃତଜ୍ଞ ବୋଲି ପ୍ରକାଶ କରିଛନ୍ତି। ଏପରି କଠିନ ପରିସ୍ଥିତିରେ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ଆକୁଣ୍ଠ ସାହାଯ୍ୟ ସହଯୋଗ କରିଥିବା ଉକ୍ତ ବ୍ୟକ୍ତି ବିଶେଷଙ୍କ ପାଖରେ ଚିର ଋଣି ବୋଲି ଅତ୍ୟନ୍ତ ଭାବବିହ୍ୱଳ ହୋଇ ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ପରିବାର ପକ୍ଷରୁ ଓଡ଼ିଶା ସରକାରଙ୍କ ନିକଟରେ ସାହାଯ୍ୟ ସହଯୋଗ ପାଇଁ ଆକୁଳ ନିବେଦନ କରିଛନ୍ତି।

## ମାଟ୍ରିକ୍ ପରୀକ୍ଷା ପାଇଁ ଆସିଲା ବିଜ୍ଞପ୍ତି: କାଲିଠୁ ଆରମ୍ଭ ହେବ ଫର୍ମ ପୂରଣ




ଭୁବନେଶ୍ୱର, ୨।୧୧(ପି.ଏନ): ୨୦୨୫ ମାଟ୍ରିକ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନଭେମ୍ବର ୩ ଅର୍ଥାତ୍ ଆସନ୍ତାକାଲି ଠାରୁ ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପିଲାଙ୍କ ପାଇଁ ମାଟ୍ରିକ ଫର୍ମ ପୂରଣ ଆରମ୍ଭ ହେବ । ସେହିପରି ଫର୍ମ ପୂରଣର ଶେଷ ତାରିଖ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରହିଛି ।ତେବେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫ ମାଟ୍ରିକ ପରୀକ୍ଷା ନିମନ୍ତେ ଫର୍ମପୂରଣ ଆସନ୍ତାକାଲି ଠାରୁ ଅନୁଷ୍ଠିତ ହେବାକୁ ଯାଉଛି ।ଛାତ୍ରଛାତ୍ରୀମାନେ ଆସନ୍ତାକାଲି ଠାରୁ ୧୮ ତାରିଖ ରାତି ୧୧.୪୫ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଫର୍ମ ପୂରଣ କରିପାରିବେ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଅନଲାଇନ୍‌ରେ ଫର୍ମ ଫିଲ୍‌ଅପ୍ କରିବେ। ତେବେ ଏନେଇ ସମସ୍ତ ସୂଚନା www.bseodisha.ac.in ୱେବସାଇଟରେ ଫର୍ମ ପୂରଣ ପାଇଁ ଲିଙ୍କ ଓ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି ।

## ଏମ୍‌କେସିଜି ମେଡିକାଲ କଲେଜ ରାଗିଂ ଘଟଣା, ୫ ସିନିୟର ଛାତ୍ରଙ୍କୁ ସବୁଦିନ ପାଇଁ ହଷ୍ଟେଲ ମନା

ଭୁବନେଶ୍ୱର, ୨।୧୧(ପି.ଏନ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ୪ର୍ଥ ହଷ୍ଟେଲରେ ରାଗିଂ ଘଟଣାରେ ନିଆଯାଇଛି କଡା କାର୍ଯ୍ୟାନୁଷ୍ଠାନ। ରାଗିଂ କରିଥିବା ୪ର୍ଥ ହଷ୍ଟେଲର ୫ଜଣ ସିନିୟର ଛାତ୍ରଙ୍କୁ ସବୁଦିନ ପାଇଁ ହଷ୍ଟେଲ ମନା ହୋଇଛି। ଏଥିସହ ସଂପୃକ୍ତ ଛାତ୍ରମାନଙ୍କୁ ମିଳିବନି ମେଧାବୃତ୍ତି, ଫେଲୋସିପ୍ ଓ ଅନ୍ୟାନ ସୁବିଧାସୁଯୋଗ। ଆଣ୍ଟି ରାଗିଂ କମିଟିର ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି କଲେଜ ଡିନ୍ ଡାକ୍ତର ସୁଚିତ୍ରା ଦାସ।

## ୮ ମୋବାଇଲ, ୨୦ ସିମ କାର୍ଡ ଓ ୬ ନକଲି ନାଁ: ଡାକ୍ତରଙ୍କ ହତ୍ୟା ଅଭିଯୁକ୍ତର ସବୁ ଯୋଜନା ପଣ୍ଡ



ଭୁବନେଶ୍ୱର, ୨।୧୧(ପି.ଏନ): ଦେଶର ରାଜଧାନୀ ଦିଲ୍ଲୀର ଜଙ୍ଗପୁରାରେ ଜଣେ ବରିଷ୍ଠ ଡାକ୍ତରଙ୍କୁ ଘରେ ପଶି ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ଶେଷରେ ଗିରଫ ହୋଇଛି। ମେ' ମାସରେ ହତ୍ୟାକାଣ୍ଡ ଘଟିଥିବା ବେଳେ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ ଅଭିଯୁକ୍ତଙ୍କୁ ଏବେ ଧରି ପାରିଛି ।ପୁଲିସ୍ ?କୁ ଚକମା ଦେବା ପାଇଁ ଅଭିଯୁକ୍ତ ଜଣଙ୍କ ୮ଟି ମୋବାଇଲ ଓ ୨୦ଟି ସିମ କାର୍ଡ ବ୍ୟବହାର କରିଥିଲା। ତେବେ ପୁଲିସ୍ ? ତା'କୁ ଦୀର୍ଘ ୧୬୦୦ କିମି ବାଟ ପିଛା କରି ଭାରତ-ନେପାଳ ବର୍ଡରରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବିଷ୍ଣୁ ସ୍ୱରୂପ ଶାହି ।ବିଷ୍ଣୁ ସ୍ୱରୂପ ଫେରାର ଥିବା ବେଳେ ୬ ଥର ନିଜର ନାଁ ବଦଳାଇ ଥିଲା। ସେ ଯେଉଁଠିକୁ ଯାଉଥିଲା ସେଠାରେ ନକଲି କାଗଜପତ୍ର ଜରିଆରେ ନିଜ ପରିଚୟ ବଦଳାଇ ରହୁଥିଲା। ସେ କେତେବେଳେ ନିଜ ବିଷ୍ଣୁ ସ୍ୱରୂପ ଶାହି କହୁଥିଲା ତ ଆଉ କେତେବେଳେ ଶକ୍ତି ସାଇ, ସତ୍ୟ ସାଇ, ସୂର୍ଯ୍ୟ ପ୍ରକାଶ ଶାହି, ଗଗନ ଓଲି ଓ କ୍ରିଷ୍ଣା ଶାହି ଭାବେ ପରିଚୟ ଦେଉଥିଲା। ଗିରଫ ବେଳେ ସେ ଗଗନ ଓଲି ନାଁରେ ପରିଚୟ ଦେଇ ଖସି ଯିବାକୁ ଚାହୁଁଥିଲା ବୋଲି ପୁଲିସ୍ ? କହିଛି ।ଜଙ୍ଗପୁରା ଅଞ୍ଚଳରେ ନିଜ ପତ୍ନୀଙ୍କ ସହ ରହୁଥିବା ୬୩ ବର୍ଷୀୟ ଡାକ୍ତର ଯୋଗେଶ ଚନ୍ଦ୍ର ପଲଙ୍କ ମୃତଦେହ ତାଙ୍କ ଘର ଭିତରୁ ଉଦ୍ଧାର କରାଯାଇଥିଲା। ମୃତଦେହ ରୋଷେଇ ଘରୁ ଠାବ ହୋଇଥିବା ବେଳେ ଘର ଭିତରେ ଲୁଟପାଟ କରାଯାଇଥିଲା।

## ବ୍ରହ୍ମପୁର ମେୟରଙ୍କୁ ଧମକପୂର୍ଣ୍ଣ କଲ୍, ପୂର୍ବତନ ଯନ୍ତ୍ରୀଙ୍କ ନାଁରେ ଥାନାରେ ଏତଲା

ବ୍ରହ୍ମପୁର, ୨।୧୧(ପି.ଏନ): ବ୍ରହ୍ମପୁର ମେୟରଙ୍କୁ ହତ୍ୟା ଧମକ । ମେୟର ସଂଘମିତ୍ରା ଦଳାଇଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ବିଏମସିର ପୂର୍ବତନ ଯନ୍ତ୍ରୀ ଧମକ ଦେଇଥିବା ନେଇ ସେ କହିଛନ୍ତି । ଫୋନରେ ବିଏମସିର ପୂର୍ବତନ ଯନ୍ତ୍ରୀ ଲଳିତ ମୋହନ ଦାସ ଧମକ ଦେଇଥିବା ନେଇ ସେ ଟାଉନଥାନର ଦ୍ୱାରସ୍ଥ ହୋଇଛନ୍ତି ।ଖବର ଅନୁସାରେ, ଗତ ୨୯ ତାରିଖରେ ମେୟର ସଂଘମିତ୍ରା ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଅନେକ କର୍ପୋରେଟର ମଧ ଉପସ୍ଥିତ ରହିଥିଲେ । ସେହିସମୟରେ ମେୟରଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା । ତେବେ ବ୍ୟକ୍ତିଜଣକ ପ୍ରଥମେ ଭାଷା ଲଗାଇ ଗାଳିଗୁଲଜ କରିବା ସହିତ ଧମକ ଦେଇଥିଲେ । ଏନେଇ ମେୟର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମୋବାଇଲ ନମ୍ବରକୁ ଟ୍ରାକ କରି ଏହା ପୂର୍ବତନ ଯନ୍ତ୍ରୀଙ୍କର କାରନାମା ବୋଲି ଜାଣିବାକୁ ପାଇଥିଲା ।ପୋଲିସ ଲଳିତ ମୋହନ ଦାସଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତେବେ କେଉଁ କାରଣ ପାଇଁ ତାଙ୍କୁ ଧମକ ଦିଆଯାଇଥିଲା ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ତଦନ୍ତ ଶେଷ ହେବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ । ଅନ୍ୟପଟେ ପୂର୍ବତନ ଯନ୍ତ୍ରୀ ମଧ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।




## ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ସାଂସଦ ପପୁ ଯାଦବଙ୍କୁ ଧମକ ଦେଇଥିବା ଯୁବକ ଗିରଫ

ଭୁବନେଶ୍ୱର, ୨।୧୧(ପି.ଏନ): ସ୍ୱାଧୀନ ଭାବେ ଲୋକସଭା ନିର୍ବାଚନ ଜିତି ସାଂସଦ ହୋଇଥିବା ପପୁ ଯାଦବଙ୍କୁ ହତ୍ୟା ଧମକ ଦେଇଥିବା ଯୁବକଙ୍କୁ ବିହାର ପୁଲିସ୍ ଗିରଫ କରିଛି । ପୂର୍ଣ୍ଣିୟା ଲୋକସଭା ଆସନରୁ ସାଂସଦ ହୋଇଥିବା ପପୁ ଯାଦବଙ୍କୁ ଲରେନ୍ସ ବିଷ୍ଣ ?ଇ ଗ୍ୟାଙ୍ଗ ନାଁରେ ଧମକ ମିଳିଥିଲା ।ଏହାପରେ ବିହାର ପୁଲିସ୍ ତଦନ୍ତ କରି ଦିଲ୍ଲୀରୁ ମହେଶ ପାଣ୍ଡେ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଜେରା ବେଳେ ମହେଶ ନିଜର ଅପରାଧ ସ୍ୱୀକାର କରିଛନ୍ତି। ହେଲେ ତାଙ୍କର ଲିଙ୍କ କୌଣସି ଗ୍ୟାଙ୍ଗ ସହ ନାହିଁ। ସେ କେବଳ ପପୁ ଯାଦବଙ୍କୁ ଡରାଇ ଚର୍ଚ୍ଚାରେ ରହିବା ପାଇଁ ଲରେନ୍ସ ବିଷ୍ଣ ?ଇ ଗ୍ୟାଙ୍ଗର ନାଁରେ ଧମକ ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଟ୍ରାକ ସଫା କରୁଥିବାବେଳେ ମାଡ଼ିଗଲା ଟ୍ରେନ, ୪ ସଫେଇ କର୍ମଚାରୀଙ୍କ ମୃତ୍ୟୁ

ରେଲୱେ ଟ୍ରାକ ସଫା କରୁଥିବା ସଫେଇ କର୍ମଚାରୀଙ୍କୁ ଧକ୍କା ଦେଲା ଟ୍ରେନ। ଦୁର୍ଘଟଣାରେ ୪ ସଫେଇ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ଏଭଳି ବିଚଳିତ କଲା ଭଳି ଘଟଣା କେରଳର ପାଲକ୍କଡ ନିକଟ ଶୋରନୁର ଷ୍ଟେସନଠାରୁ ଅଳ୍ପ ଦୂରରେ ଘଟିଛି। କେରଳ ଏକ୍ସପ୍ରେସ ଧକ୍କାରେ ମୃତ୍ୟୁ ଘଟିଥିବା ୪ ସଫେଇ କର୍ମଚାରୀଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୩ ଜଣଙ୍କର ମୃତଦେହ ଉଦ୍ଧାର ହୋଇଛି ।ଖବର ଅନୁସାରେ, ରେଲୱେ ଟ୍ରାକ୍ ସଫେଇ କର୍ମଚାରୀଙ୍କ ଏକ ଚାରି ଜଣିଆ ଦଳ ଭରତପୁଝା ନଦୀ ବ୍ରିଜ ଉପରେ ଟ୍ରାକ ସଫା କରୁଥିଲେ। ଏତିକିବେଳେ କେରଳ ଏକ୍ସପ୍ରେସ ଟ୍ରେନ ଆସିଥିଲା। ଟ୍ରେନ ଦେଖି ସେମାନେ ସେଠାରୁ ଦୌଡ଼ିବାକୁ ଚେଷ୍ଟା କରିଥିଲେ ମଧ ଠିକ୍ ସମୟରେ ବ୍ରିଜର ଅନ୍ୟ ପ୍ରାନ୍ତରେ ପହଞ୍ଚିପାରିନଥିଲେ। ଟ୍ରାକ୍ ମଧ୍ୟରେ ଅଟକି ଯିବାରୁ ସେମାନଙ୍କୁ ଟ୍ରେନ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଦୁଇଜଣ ପୁରୁଷ ଏବଂ ଦୁଇଜଣ ମହିଳାଙ୍କ ସମେତ ୪ ଜଣ ସଫେଇ କର୍ମଚାରୀଙ୍କର ମୃତ୍ୟୁ ଘଟିଛି।

## କେବେ ମିଳିବ ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି ? ମୁଖ୍ୟମନ୍ତ୍ରୀ କଲେ ବଡ ଘୋଷଣା




ଭୁବନେଶ୍ୱର, ୨।୧୧(ପି.ଏନ): ସୁଭଦ୍ରା ଯୋଜନାରେ ରାଜ୍ୟର ଅନେକ ହିତାଧିକାରୀ ଟଙ୍କା ପାଇଥିବା ବେଳେ ଅନେକ ଏପର୍ଯ୍ୟନ୍ତ ଟଙ୍କା ପାଇନାହାଁନ୍ତି । ବାଦ୍ ପଡିଥିବା ହିତାଧିକାରୀଙ୍କୁ ଟଙ୍କା ମିଳିବା ନେଇ ବଡ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।୧୦ ଦିନ ଭିତରେ ମିଳିବ ସୁଭଦ୍ରା ଯୋଜନାର ତୃତୀୟ କିସ୍ତ ମିଳିବ ବୋଲି ବଲାଙ୍ଗୀରରୁ ବଡ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଚତୁର୍ଥ ପର୍ଯ୍ୟାୟ ଟଙ୍କା ପରବର୍ତ୍ତୀ ୧୫ ଦିନ ଭିତରେ ମିଳିବ ବୋଲି ସେ କହିଛନ୍ତି । ଅନ୍ୟପଟେ ନଭେମ୍ବର ଶେଷ ସପ୍ତାହରେ ମିଳିବ ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି ମିଳିବ ବୋଲି ମହିଳା ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ।ତେବେ ପୂର୍ବରୁ ୨ଟି ପର୍ଯ୍ୟାୟରେ ୬୦ ଲକ୍ଷ ହିତାଧିକାରୀଙ୍କୁ ମିଳିସାରିଛି ୫ ହଜାର ଟଙ୍କା । ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା କେବେ ମିଳିବ ସେନେଇ ମହିଳାଙ୍କ ଭିତରେ ଦ୍ୱନ୍ଦ୍ୱ ଲାଗିରହିଥିଲା । କିନ୍ତୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ସୂଚନା ପରେ ଆଶ୍ୱସ୍ତି ପାଇଛନ୍ତି ହିତାଧିକାରୀ । ବହୁତ ଜଲଦି ଅର୍ଥାତ ନଭେମ୍ବର ଶେଷ ସପ୍ତାହରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ଯିବା ନେଇ ସୂଚନା ମିଳିଛି ।

## ମଧ୍ୟାହ୍ନ ଭୋଜନରେ ଖାଲି ଭାତ, ପ୍ରଧାନ ଶିକ୍ଷକ ନିଲମ୍ବିତ



ଭୁବନେଶ୍ୱର, ୨।୧୧(ପି.ଏନ): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଟୋଲକାନି ଅଞ୍ଚଳର ଝାଡ଼େଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ସହ କେବଳ ଲୁଣଲଙ୍କା ଦିଆଯିବା ତଥା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ। ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ କୁମାର ମହନ୍ତଙ୍କୁ ନିଲମ୍ବନ କରାଯାଇଛି।






# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# —ଗୟା ତୀର୍ଥ—

ସୃଷ୍ଟି ଆରମ୍ଭରେ ବ୍ରହ୍ମା ନାନା ପ୍ରକାର ଜୀବଜନ୍ତୁ ସୃଷ୍ଟି କଲେ । ସେ ସମୟରେ ବ୍ରହ୍ମା ଗୟାସୁର ନାମରେ ଜଣେ ଅସୁର ସୃଷ୍ଟି କଲେ । ସେ ଅସୁର ହେଲେ ମଧ୍ୟ ତାର ଚରିତ୍ର ଅତ୍ୟନ୍ତ ସାଧୁ ଥିଲା । ଶ୍ରୀହରିଙ୍କ ପରମ ଭକ୍ତ ଥିଲା ଗୟା । ସମସ୍ତେ ନିଜର ସ୍ୱାର୍ଥ ପାଇଁ ତପସ୍ୟା କରୁଥିଲାବେଳେ ଗୟା ସଂସାରର କଲ୍ୟାଣ ପାଇଁ ତପସ୍ୟା କଲା । ତା' ତପସ୍ୟାରେ ଶ୍ରୀହରିଙ୍କ ଆସନ ଟଳମଳ ହେଲା । ସେ ଗୟାକୁ ବର ଦେବା ପାଇଁ ଉପସ୍ଥିତ ହେଲେ । ଗୟା ତାଙ୍କୁ ଏକ ଅଦ୍ଭୁତ ବର ମାଗିଲା । ସେ ଯାହାକୁ ସ୍ପର୍ଶ କରିବ ସେ ମୁକ୍ତି ପାଇ ଗୋଲକ ଧାମକୁ ଯିବ । ଶ୍ରୀହରି ହଁ କହିଦେଲେ । ଗୟାସୁର ଆନନ୍ଦରେ ସଂସାର ଯାକ ବୁଲିଲା । ଲୋକମାନେ ଅନେକ ପାପ କରି ମଧ୍ୟ ତାକୁ ଛୁଇଁ ମୁକ୍ତି ପାଇଲେ । ଯମପୁରର ଦ୍ୱାର ବନ୍ଦ ରହିଲା । ସମସ୍ତେ ସ୍ୱର୍ଗମୁହାଁ ହେଲେ । ମୁକ୍ତି ନିଶ୍ଚିତ ଜାଣିଲା ପରେ ଲୋକମାନେ ଧର୍ମ, ଦେବ ପୂଜା କର୍ମ ଛାଡି ମଉଜ ମଜଲିସରେ ମାତିଲେ । ଯାଗ ଯଜ୍ଞ ବନ୍ଦ ହୋଇଗଲା । ସମସ୍ତେ





ଅଧର୍ମରେ ମାତିଲେ । ଗୟାକୁ ଛୁଇଁଲେ ହେଲା । ଆଉ କ'ଣ ଦରକାର? ଜଗତର କଲ୍ୟାଣ ପାଇଁ କରୁଥିବା କାମ ଯେ ଓଲଟା ଫଳ ଦେଉଛି ତାହା ଗୟା ବୁଝିଲା ନାହିଁ । ଶେଷରେ ସବୁ ଦେବତାଯାକ ବିଷ୍ଣୁଙ୍କ ପାଖରେ ହେଲେ । ସଂସାର ବିଗିଡି ଗଲାଣି । ଭଲ କରୁ କରୁ ଭେଲ ହେଲାଣି । ଗୟା ପିଲାଙ୍କ ପରି ଲୋକଙ୍କୁ ମୁକ୍ତି ଦେଇ ଚାଲିଛି । ଶେଷରେ ବିଷ୍ଣୁ ଏକ ସନ୍ୟାସୀ ବେଶରେ ଗୟାକୁ ଭେଟିଲେ । ପ୍ରଣାମ କଲା ଗୟା । ଆଶୀର୍ବାଦ କରି ବ୍ରାହ୍ମଣ କହିଲେ, "ବତ୍ସ, ମୁଁ ଏକ ବିଶେଷ ଯଜ୍ଞ କରିବାକୁ ଚାହେଁ । ତା' ପାଇଁ ପବିତ୍ର ସ୍ଥାନ ଆବଶ୍ୟକ । ଯାହା ମୁଁ କେଉଁଠି ପାଇଲି ନାହିଁ । ତୋର ଶରୀର ଅତି ପବିତ୍ର । ତୁ କିଛି ସମୟ ଶୋଇଲେ ତୋ ଉପରେ ମୁଁ ଯଜ୍ଞ କରିବି । ଅନ୍ୟର ମଙ୍ଗଳ ପାଇଁ ସଦା ବ୍ୟାକୁଳ ଗୟା ନିଶ୍ଚିନ୍ତରେ ଶୋଇଗଲା । ବିଷ୍ଣୁ ତା' ଉପରେ ପାଦରେ ଚାପି ଦେଲେ । ଗୟା ସବୁ ଜାଣି ପ୍ରଭୁଙ୍କୁ କହିଲା, "ହେ ପ୍ରଭୁ ଜଗତର ନାଥ, ମୋତେ ପାଷାଣ କରିଦିଅ । ମୋ ଶରୀରରେ ସମସ୍ତ ଦେବତା ବାସ କରନ୍ତୁ । ଏ ଶିଳା ସମସ୍ତଙ୍କୁ ସବୁ ଯୁଗରେ ମୁକ୍ତି ଦେଉ ।" "ତଥାସ୍ତୁ" କହିଲେ ବିଷ୍ଣୁ । "ମୁଁ ଗଦା ହସ୍ତରେ ତୋ ଶରୀରରେ ଅବସ୍ଥାନ କରିବି । ଶିଳା ଉପରେ ମୋ' ପାଦ ବିଷ୍ଣୁପାଦ ନାମରେ ବିଖ୍ୟାତ ହେବ । ଯେଉଁ ବ୍ୟକ୍ତି ଏଠାରେ ପିଣ୍ଡଦାନ ଦେବେ ତାଙ୍କ ପିତୃପୁରୁଷ ମୋକ୍ଷ ପାଇବେ ।"

ବିହାର ଜିଲ୍ଲାର ଫଲଗୁ ନଦୀ କୂଳରେ ଗୟା କ୍ଷେତ୍ର ରହିଛି । ନଦୀ ଶଯ୍ୟାରେ ପ୍ରତିଦିନ ହଜାର ହଜାର ଲୋକ ପିଣ୍ଡ ପିତୃପୁରୁଷଙ୍କୁ ଦିଅନ୍ତି । ଗୟା ଶିଳା ବିଷ୍ଣୁପାଦ ମଧ୍ୟ ଅଛି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର, ଦ୍ୱାପରରେ ଭୀଷ୍ମ ଓ ପାଣ୍ଡବମାନେ ଏହି କ୍ଷେତ୍ରରେ ପିତୃଶ୍ରାଦ୍ଧ ଦେଇଥିଲେ । ରାମ, ଲକ୍ଷ୍ମଣ ଓ ସୀତା ବନବାସ କଲା ବେଳେ ଫଲଗୁ ନଦୀ ତୀରରେ ଅବସ୍ଥାନ କରୁଥିଲେ । ଦିନେ ଦଶରଥଙ୍କ ଶ୍ରାଦ୍ଧ ଦିନ ପଡିଲା । ସୀତାଙ୍କୁ ନଦୀକୂଳରେ ଅପେକ୍ଷା କରିବାକୁ କହି ରାମ ସାମଗ୍ରୀ କିଣା ପାଇଁ ପାଖ ଜନପଦକୁ ଚାଲିଗଲେ । ଶ୍ରାଦ୍ଧବେଳ ଗଡି ଯାଉଛି । ରାମ ଫେରୁନାହାନ୍ତି । ସୀତା ବ୍ୟସ୍ତ ହୋଇ ନଦୀବାଲିର ପିଣ୍ଡକା କରି ପିତୃପୁରୁଷଙ୍କୁ ପ୍ରଦାନ କଲେ । ହଠାତ୍ ଆଶ୍ଚର୍ଯ୍ୟ ଭାବେ କେତୋଟି ହାତ ଉଠି ଆସି ପିଣ୍ଡ ଗ୍ରହଣ କରି ଅଦୃଶ୍ୟ ହୋଇଗଲେ । ସୀତା ପାଖରେ ଥିବା ଫଲଗୁ ନଦୀ, ଗାଭୀ, କେତକୀ ଫୁଲ ଓ ବଟବୃକ୍ଷଙ୍କୁ ସାକ୍ଷୀ ରଖି ଶଙ୍କାରେ ରାମଙ୍କୁ ଅପେକ୍ଷା କରି ରହିଲେ । କିଛି ସମୟ ପରେ ଶ୍ରାଦ୍ଧ ସାମଗ୍ରୀ ଧରି ରାମ ଆସି ଶ୍ରାଦ୍ଧ ଆୟୋଜନ କଲେ । ସୀତା ସବୁ କଥା କହିଲେ । କିପରି ପିତୃପୁରୁଷଙ୍କ ହାତ ପିଣ୍ଡ ଗ୍ରହଣ କଲେ । ସାକ୍ଷୀ ମଧ୍ୟ ଅଛନ୍ତି । ରାମ ଅଙ୍ଗାରେ କହିଲେ, "ମୁଁ ପ୍ରତିବର୍ଷ ଶ୍ରାଦ୍ଧ ସ୍ୱାଦିଷ୍ଟ ଭୋଜନ ଦେଉଛି, କାହିଁ ମୋ ହାତରୁ ତ ଦିନେ ପିତୃଗଣ ନେଇନାହାନ୍ତି ।" ସାକ୍ଷୀଙ୍କୁ ଡାକିଲେ ରାମ । ସମସ୍ତେ ମନା କଲେ । ଏକମାତ୍ର ବଟବୃକ୍ଷ ସୀତାଙ୍କୁ ସମର୍ଥନ କଲା । ରାମ ଦ୍ୱନ୍ଦ୍ୱରେ ପିଣ୍ଡ ପ୍ରଦାନ କଲା ବେଳେ ଶୂନ୍ୟବାଣୀ ହେଲା, "ବତ୍ସ ରାମ, ଆମେ ଜାନକୀ ହାତରୁ ପିଣ୍ଡ ଗ୍ରହଣ କରି ତୃପ୍ତ ହୋଇଛୁ । ଆଉ ଆମକୁ ଆବାହନ କରନି ।" ରାମ ଆଶ୍ଚର୍ଯ୍ୟ ହୋଇ ସୀତାଙ୍କୁ ଚାହିଁ "ଧନ୍ୟ ତୁମେ" କହିଲେ । ସୀତା ମିଛ କହିଥିବା ନଦୀ, ଗାଭୀ, ଫୁଲକୁ ଅଭିଶାପ ଦେଲେ । ଫଲଗୁକୁ କହିଲେ, "ତୁ ଅନ୍ତଃସଲୀଳା ହୋଇଯିବୁ । ସବୁବେଳେ ଶଯ୍ୟା ଶୁଷ୍କ ରହିବ ।" ଗାଭୀକୁ ଅଭିଶାପ ଦେଲେ, "ତୋ ମୁହଁ ଅପବିତ୍ର ହୋଇଯିବ ।" କେତକୀକୁ କହିଲେ, "ପିଣ୍ଡପତ୍ରରେ ତୋତେ ଲୋଡା ହେବନି ।" ବଟ ବୃକ୍ଷକୁ କହିଲେ, "ସତ କହିଥିବାରୁ ତୁ ଅମର ହେବୁ ।" ସେହିଦିନଠାରୁ ଏପର୍ଯ୍ୟନ୍ତ ସେ ପବିତ୍ର ବଟବୃକ୍ଷ ତଳେ ଗଦାଧାରୀ ନାରାୟଣ ଓ ବିଷ୍ଣୁପାଦ ପୂଜା ପାଉଛନ୍ତି ।

## ସୁନାଚେନ୍ ଝାମ୍ପିନେଲା ଦୁର୍ବୃତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରାହ୍ମଣଦା(ଭାତୁରିପଶି) ଗାଁ ନିକଟ ହାଇଲେଭଲ୍ କେନାଲ ରାସ୍ତାରେ ଗତକାଲି ଅପରାହ୍ନରେ ଏକ ଚଳନ୍ତା ବାଇକ୍‌ରୁ ଜଣେ ମହିଳାଙ୍କ ସୁନାଚେନ୍ ଝାମ୍ପି ନେଇଛି ଦୁର୍ବୃତ । ଲୁଟ୍ ପରେ ଦୁର୍ବୃତ ଏକ ନାଲି ରଙ୍ଗର ପଲସର ବାଇକ୍‌ରେ ଚଣ୍ଡିଖୋଲ ଆଡ଼େ ଚମ୍ପଟ ମାରିଥିଲା । ଏ ସଂପର୍କରେ ବଡଚଣା ଥାନା ରାଧାଦେଇପୁର ପଞ୍ଚାୟତ ବାଙ୍ଗୁରୁମୁଠା ଗ୍ରାମର ସନ୍ତୋଷ ନାୟକଙ୍କ ପତ୍ନୀ ପ୍ରତିମା ନାୟକ ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥଲେ ହେଁ, ଲୁଟେରା ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମସ୍ଥିତ ଜଣେ ବନ୍ଧୁଙ୍କ ଘରକୁ ଆସିଥିବା ସନ୍ତୋଷ ପତ୍ନୀ ଓ ପୁଅକୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ । ମୁଣ୍ଡରେ ହେଲମେଟ୍ ପିନ୍ଧି ସେମାନଙ୍କୁ ପିଛା କରୁଥିବା ଉକ୍ତ ଦୁର୍ବୃତ ବ୍ରାହ୍ମଣଦା ଗାଁ ନିକଟରେ ପ୍ରତିମା ପିନ୍ଧିଥିବା ଏକ ୧୨ଗ୍ରାମ୍ ଓଜନର ସୁନାଚେନ୍‌କୁ ହଠାତ୍ ଝାମ୍ପିନେଇ ଫେରାର୍ ହୋଇଯାଇଥିଲା । ପୂର୍ବରୁ ମଧ୍ୟ ଜଣେ ଲୁଟେରା ନିଜେ ବାଇକ୍ ଚଳାଇ ଚଳନ୍ତା ଗାଡ଼ିରୁ ଏକୁଟିଆ ଅନେକ ଲୁଟ୍‌ପାଟ୍ କରି ଗିରଫ ହୋଇଥିଲା । ଦିନ ଦ୍ୱିପ୍ରହରରେ ଏହି କେନାଲ୍ ରାସ୍ତାରେ ବାରମ୍ବାର ରାହାଜାନି ହେଉଥିବା ବେଳେ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି ।

## ନୂଆଗାଁରେ ଭାଗବତ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ପଳାଶବୁଢ଼ୀ ପୀଠରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ପୂଜକ ମନୋଜ ମିଶ୍ର ପୂଜାର୍ଚ୍ଚନା ଓ ଭାଗବତ ପାଠ କରିଥିଲେ । ଘଣ୍ଟେଶ୍ୱର ବାବା ଭାଗବତ ଆଲୋଚନା କରିଥିଲେ । ଅନୁଷ୍ଠାନର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ନିରଂଜନ ଦେହୁରୀ, ଲକ୍ଷ୍ମୀଧର ଗୁଇଁ, ଦୋଳଗୋବିନ୍ଦ ଦାସ, ଶଶିଭୂଷଣ ଦ୍ୱାରୀ, ଶ୍ରୀଯୁକ୍ତ ଦୋରା, ବାବୁ ସାହୁ, ସୁନିଲ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ପରିଡ଼ା, କପିଳେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା ।

## ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ଦର୍ପଣ (ପିଏନ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଆଦର୍ଶ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ (୭୮)ଙ୍କର ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ପୂଜ୍ୟପୂଜା ପରିଷଦ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆବାହକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସ୍ୱର୍ଗତଃ ନାୟକଙ୍କୁ ଜଣେ ଆଦର୍ଶ ଶିକ୍ଷକ, ଛାତ୍ରବତ୍ସଳ, କର୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଗଳ ବାବା ମହାରାଜ, ପଂଚାୟତ ସମିତି ଅଧ୍ୟକ୍ଷ ମୀନତୀ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସରପଂଚ ଯଯାତି କେଶରୀ ରାଉତ, ପ୍ରିୟରଂଜନ ସେନାପତି, ଜଗନ୍ନାଥ ମୁଦୁଲି, ସାମ୍ବାଦିକ ସମରେନ୍ଦ୍ର ମାହାଲା, ସଂଜୟ ସ୍ୱାଇଁ, ମସିର ଆଲାମ୍, ବ୍ରହ୍ମଚାରୀ ଉଦୟ ଦାସ, ଆଇନଜୀବୀ ପ୍ରସନ୍ନ ଲେଙ୍କା, କୈଳାସ ଚନ୍ଦ୍ର ରାଉତ, ପ୍ରେମାନନ୍ଦ ସେନାପତି, ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଆଇନଜୀବୀ ଦେବରାଜ ବେହେରା, ଆଦିକନ୍ଦ ଜେନା, କେଶବ ଚନ୍ଦ୍ର ଦାସ, ରାଧାନାଥ ପଣ୍ଡା, ଶରତ ଚନ୍ଦ୍ର ଜେନା, ଗଣେଶ୍ୱର ପଣ୍ଡା, ଗଣେଶ୍ୱର ପରିଡ଼ା, ରଂଜନ ନାୟକ ପ୍ରମୁଖ ସ୍ୱାର୍ଗତ ଆତ୍ମାର ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ନାୟକ ଫଟୋ ଚିତ୍ରରେ ମାଲ୍ୟର୍ପଣ କରିବା ସହିତ ପଣ୍ଡିତ ବିଜୟକର ଶର୍ମା ବେଦ ପାଠ କରିବା ସହିତ ଚାରଣ ଗଣେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ବିଷ୍ଣୁ ସହସ୍ର ପାଠ କରାଯାଇଥିଲା । ଭାଇ ବିନାୟକ ନାୟକ, ହେମନ୍ତ ନାୟକ, ସତ୍ୟରଂଜନ ନାୟକ ପ୍ରମୁଖ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ନ୍ୟାୟିକ ସମୀକ୍ଷା ଜରୁରୀ !

ବହୁଚର୍ଚ୍ଚିତ ୨୦୦୨ ଗୋଧ୍ରା ଦଙ୍ଗା ସମୟରେ ୧୪ଜଣଙ୍କୁ ହତ୍ୟା ଏବଂ ବିଲ୍‌କିସ୍ ବାନୋ ଗଣଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ଜଣ ଅଭିଯୁକ୍ତଙ୍କୁ ସ୍ୱାଧୀନତା ପ୍ରାପ୍ତିର ୭୫ତମ ପୂର୍ତି ସାରା ଦେଶ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରୁଥିବା ଅବସରରେ ଖଲାସ କରିବା ପାଇଁ ଗୁଜରାଟ ସରକାରଙ୍କ ନିଷ୍ପତି ଉପରେ ବହୁ ପ୍ରଶ୍ନ ସୃଷ୍ଟି କରିବା ସ୍ୱାଭାବିକ । କେବଳ ଏତିକି ନୁହେଁ, ଗୁଜରାଟ ସରକାର ତାଙ୍କର ଏହି ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରି ନେଇ ଅଭିଯୁକ୍ତମାନଙ୍କୁ ତୁରନ୍ତ କାରାଗାରକୁ ପଠାଇଦେବା ପାଇଁ ଦେଶର ୬୦୦୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଦୃଢ ଦାବି କରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବିଚାରପତି, ବରିଷ୍ଠ ଆଇନଜୀବୀ, ଖ୍ୟାତନାମା ଶିକ୍ଷାବିତ୍, ସାମ୍ବାଦିକ, ସାମାଜିକ କର୍ମୀ, ସମାଜସେବୀ ଏବଂ ସାଧାରଣ ଲୋକଙ୍କ ସମେତ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ ଅଛନ୍ତି । ସେମାନଙ୍କ ଦାବି ଦେଶର ସାଂପ୍ରତିକ ଆଇନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ନିଃସନ୍ଦେହରେ କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ବିଲକିସ୍ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଅଭିଯୋଗର ମୁକ୍ତି ଆବେଦନ ଉପରେ ଶୁଣାଣୀ କରି ସୁପ୍ରିମକୋର୍ଟ ୧୪ବର୍ଷ କାରାଦଣ୍ଡ ଭୋଗିଥିବା କଏଦୀମାନଙ୍କୁ ମୁକ୍ତି ପାଇଁ ଗୁଜରାଟ ସରକାର ୧୯୯୨ରେ ମୁକ୍ତି ଆଇନ ଅନୁଯାୟୀ ନିଷ୍ପତି ନେବା ଉଚିତ ବୋଲି ଗତ ମେ' ମାସରେ ରାୟ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ରାୟ ଉପରେ ଗୁଜରାଟ ଏକ କମିଟି ଗଠନ କରିଥିଲେ । ଯେଉଁ କମିଟି ବିଲକିସ୍ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ଜଣଙ୍କୁ ଖଲାସ କରିବା ପାଇଁ ସୁପାରିଶ କରିଥିଲେ । ଏହି ୧୧ଜଣ ୧୫ବର୍ଷ ଜେଲ୍‌ବାସ ପୂରଣ କରିଥିଲେ । ତେବେ ଏହି ୧୧ଜଣଙ୍କୁ ଖଲାସ କରିବା ପାଇଁ ଗୁଜରାଟ ସରକାର ସୁପ୍ରିମକୋର୍ଟଙ୍କ ପୂର୍ବ ରାୟ ଏବଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ବା ଗାଇଡଲାଇନକୁ ପାଳନ କରିନାହାଁନ୍ତି । ଦେଶର ସ୍ୱାଧୀନତା ଦିବସ ପାଳନ ଅବସରରେ ଦୁଷ୍କର୍ମ ଓ ହତ୍ୟାକାରୀମାନଙ୍କୁ କାରାମୁକ୍ତ କରିବା ନେଇ ଗୁଜରାଟ ସରକାରଙ୍କ ନିଷ୍ପତି ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଯାହାକି ଅଯୌକ୍ତିକ ନୁହେଁ ବୋଲି କୁହାଯାଇପାରିବ । ପ୍ରଥମତଃ ଲକ୍ଷ୍ମଣ ନାସକର ବନାମ ୟୁନିୟନ ଅଫ ଇଣ୍ଡିଆ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ କହିଥିଲେ ଯେ, ଅପରାଧୀଙ୍କ ମୁକ୍ତି ମଂଜୁର କରିବା ପୂର୍ବରୁ ରାଜ୍ୟ ନିଶ୍ଚିତ ହେବା ଜରୁରୀ ଯେ, ତା'ର ଅପରାଧ ବ୍ୟକ୍ତିଗତ ଭାବେ ଘଟାଇଥିବା କାର୍ଯ୍ୟ ହୋଇଥିବ, ଯାହାର କୌଣସି ପ୍ରଭାବ ବୃହତର ସମାଜ ଉପରେ ପଡୁ ନ ଥିବ । ସେହିପରି ଦ୍ୱିତୀୟଟି ହେଉଛି, ଗତ ଜୁନ ମାସର ମାର୍ଗଦର୍ଶିକା । ଏହି ମାର୍ଗଦର୍ଶିକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଏବଂ ଦୁଷ୍କର୍ମକାରୀଙ୍କୁ ସ୍ୱତନ୍ତ୍ର ମୁକ୍ତି ମଂଜୁର କରାଯିବ ନାହିଁ । ଏହା ନିଶ୍ଚିତ ଯେ, ଗୁଜରାଟ ସରକାରଙ୍କ ନିଷ୍ପତି ସୁପ୍ରିମକୋର୍ଟଙ୍କ ରାୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମାର୍ଗଦର୍ଶିକାକୁ ବିରୋଧ କରୁଛି । ଉଲ୍ଲେଖ କରାଯାଇପାରେ ଯେ, ୨୦୦୨ ଗୋଧ୍ରା ଦଙ୍ଗା ସମୟରେ ଅଭିଯୁକ୍ତମାନେ ଅନ୍ତସତ୍ୱା ଥିବା ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରିବା ସହ ତାଙ୍କ କନ୍ୟା ଏବଂ ବହୁ ମହିଳାଙ୍କ ସମେତ ୧୪ଜଣଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଥିଲେ । ଏହି ବର୍ବର କାଣ୍ଡ ସେତେବେଳେ କେତେ ଯେ ଭୟଙ୍କର ଓ ଲୋମହର୍ଷଣକାରୀ ଥିଲା ଏବଂ ଏହାର ପ୍ରଭାବ ସମାଜ ଉପରେ କେତେ ପଡିଛି, ତାହା ସ୍ପଷ୍ଟ ବୁଝାପଡେ । ଆହୁରି ମଧ୍ୟ ବିଲିକସ୍ ମାମଲାରେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ ହୋଇଥିଲା । ଯେଉଁଥିପାଇଁ କି ଡାକ୍ତର ଓ ପୋଲିସ ଅଫିସରମାନେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିଲେ । ମାମଲାର ଚାପବିହୀନ ତଥା ନିରପେକ୍ଷ ବିଚାର ପାଇଁ ସୁପ୍ରିମକୋର୍ଟ ଗୁଜରାଟରୁ ମୁମ୍ବାଇକୁ ସ୍ଥାନାନ୍ତର କରିଥିଲେ । ସେହିପରି ବିଲ୍‌କିସ୍‌ଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ସର୍ବୋଚ୍ଚ ଅଦାଲତ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହା ନିଶ୍ଚିତ ଯେ, ସୁପ୍ରିମକୋର୍ଟ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ନିର୍ଦ୍ଦେଶକୁ ଗୁଜରାଟ ସରକାର ଧ୍ୟାନ ଦେଇନାହାନ୍ତି ଏବଂ ହେୟ ମନେ କରିଛନ୍ତି । ଆହୁରି ମଧ୍ୟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଦାଲତ ଦ୍ୱାରା ଦଣ୍ଡିତ ବ୍ୟକ୍ତିଙ୍କୁ ମୁକ୍ତି ପାଇଁ ରାଜ୍ୟ ସରକାରଙ୍କର ନିଷ୍ପତିଙ୍କୁ କେନ୍ଦ୍ର ସରକାର ଅନୁମୋଦନ ନ କରିବା ପାଇଁ ଏବଂ କାରାଗାରରୁ ଖଲାସ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଗାଇଡଲାଇନ ଥିବାସତ୍ତ୍ୱେ ସେମାନଙ୍କୁ ମୁକ୍ତ କରାଗଲା କିପରି ? ବିଲକିସ୍ ବାନୋ ମାମଲାରେ ଗୁଜରାଟ ସରକାରଙ୍କ ନିଷ୍ପତି ଉପରେ ବିଚାର ବିଭାଗୀୟ ସମୀକ୍ଷା ଜରୁରୀ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସର୍ବୋଚ୍ଚ ଅଦାଲତ ତୁରନ୍ତ ସେମାନଙ୍କ ମୁକ୍ତି ରଦ୍ଦ କରିବା ବିଲକିସ୍‌ଙ୍କ ପାଇଁ ଯଥାର୍ଥ ନ୍ୟାୟ ହେବ ।

## ଓଡ଼ିଶାକୁ ମଦମୁକ୍ତ କରିବ କଳିଙ୍ଗ ସେନା

ଭୁବନେଶ୍ୱର (ପିଏନ୍): ଓଡିଶାବାସୀ କଳିଙ୍ଗସେନାକୁ ଆର୍ଶୀବାଦ କଲେ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରାଯିବ । ଓଡିଶାକୁ ମଦମୁକ୍ତ କରି ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରାଯିବ ବୋଲି କହିଛନ୍ତି ଦଳର ପୁନଃ ନିର୍ବାଚିତ ସେନା ସୁପ୍ରିମୋ ହେମନ୍ତ ରଥ । ଏଥିସହିତ ରାଜ୍ୟର ସମସ୍ତ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ । ସାଢେ ୪କୋଟି ଲୋକଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ କରାଯିବା ସହିତ ମେଧାବୀ ଛାତ୍ରଙ୍କୁ ଘରୋଇ ସ୍କୁଲରେ ସମ୍ପୂର୍ଣ୍ଣ ମାଗଣାରେ ପଢିବାର ସୁଯୋଗ ମିଳିବ ବୋଲି ଗଣମାଧ୍ୟମକୁ କହିଛନ୍ତି । ଗତ ରବିବାର ସେନା କାର୍ଯ୍ୟାଳୟରେ ଦଳର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଦଳର କର୍ମୀମାନେ ଶ୍ରୀ ରଥଙ୍କୁ ପୁନର୍ବାର ଦଳର ସଭାପତି ଭାବେ ବିପୁଳ ମତଦାନରେ ନିର୍ବାଚିତ କରିଥିବାବେଳେ ସେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ରଥ କହିଛନ୍ତି ଯେ ମଦ ହେଉଛି ଆମ ସମାଜର ଶତ୍ରୁ । ଏହା ଯୁବପିଢିଙ୍କୁ ପଥଭ୍ରଷ୍ଟ କରିବା ସହିତ ରାଜ୍ୟକୁ ପଛକୁ ପଛକୁ ନେଇ ଯାଉଛି । ବର୍ତ୍ତମାନର ସରକାର ରାଜସ୍ୱ ନାଁରେ ମଦ ପ୍ରସାରରେ ଲାଗିଥିବାବେଳେ ବିରୋଧିଦଳଗୁଡିକ ଧର୍ମକୁ ଆଖିଠାର ମାରିଲା ଭଳି ଏହାକୁ ବିରୋଧ କରୁଛନ୍ତି । କାରଣ ରାଜ୍ୟରେ ଅଧିକାଂଶ ମଦଦୋକାନର ମାଲିକ ହେଉଛନ୍ତି ଶାସକ ଓ ବିରୋଧିଦଳ ନେତା ଏବଂ ସେମାନଙ୍କ ସମ୍ପର୍କୀୟ । ତେଣୁ କଳିଙ୍ଗସେନାକୁ ରାଜ୍ୟବାସୀ ଆଶୀର୍ବାଦ କଲେ ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ଦଳ କାର୍ଯ୍ୟ କରିବ ବୋଲି ଶ୍ରୀ ରଥ କହିଛନ୍ତି । ଏଥିସହିତ ରାଜ୍ୟର ସମସ୍ତ ଲୋକଙ୍କର ସ୍ୱାସ୍ଥ୍ୟବୀମା କରାଯିବ । ଲୋକେ ଆଉ ମାଗଣା ଚିକିତ୍ସାପାଇଁ ସରକାରୀ ବାବୁମାନଙ୍କ ନିକଟରେ କାକୁତିମିନତି ହେବେନାହିଁ । ଆସ୍ୟୁରାନ୍ସ ବଦଳରେ ସେମାନଙ୍କୁ ଇନସ୍ୟୁରାନ୍ସ ମିଳିବ । ଏବେ ରାଜ୍ୟର ମନ୍ତ୍ରୀ ବିଧାୟକମାନେ ଯେଉଁଭଳି ଭାବେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି, ସେମାନେ ମଧ୍ୟ ଅନୁରୂପ ଚିକିତ୍ସା ସୁବିଧା ପାଇବେ । ସେହିଭଳି ସରକାରଙ୍କଠାରୁ ଶସ୍ତାରେ ଜମି ଓ ଅନ୍ୟାନ୍ୟ ସୁବିଧା ନେଇଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟ ମାଗଣାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅନୁଷ୍ଠାନରେ ପଢାଇବାକୁ ବାଧ୍ୟ ହେବେ । ଦଳ ଏ ନେଇ କାର୍ଯ୍ୟ କରିବ । ଏଥିସହିତ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତ୍ତା ପରିମାଣ ସର୍ବନିମ୍ନ ୩ ହଜାର ଟଙ୍କା କରାଯିବା ସହିତ ଟଙ୍କିକିଆ ଚାଉଳ ହିତାଧିକାରୀଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗାଣ ପାଇଁ କଳିଙ୍ଗସେନା ପ୍ରତିଶ୍ରୁତି ପ୍ରଦାନ କରିଛି । ଏହି ଅବସରରେ ଦଳର ସାଂଗଠନିକ ନିର୍ବାଚନରେ ଦଳର ରାଜ୍ୟ ଉପସଭାପତି ଭାବେ ଦିଗମ୍ବର ବିଶ୍ୱାଳ, ବିଜୟ ରାଜ, ହେମନ୍ତ ସିଂହ, ଅବଦୁଲ କୟୁମ୍ ଖାନ୍, ପ୍ରମୋଦ ରାଉତରାୟ , ନିରଞ୍ଜନ ମହାନ୍ତ , ପ୍ରଦିପ କୁମାର ସାହୁ ନିର୍ବାଚିତ ହୋଇଥିବାବେଳେ ରାଜ୍ୟ ସାଧାରଣ ସଂପାଦକ ଭାବେ ଇଂ ସ୍ୱାତିଶ ରଞ୍ଜନ ସାହୁ, ଇଂ ମନୋଜ କୁମାର ନାୟକ, ଗୌରାଙ୍ଗ ପ୍ରଧାନ, ସିଦ୍ଧାର୍ଥ ଦାସ, ରାକେଶ ମହାନ୍ତି, କ୍ଷୀରୋଦ କୁମାର ଦାସ, ରେଣୁବାଳା ମହାନ୍ତି, ସୁବୋଧ କୁମାର ସାହୁ ନିର୍ବାଚିତ ହୋଇଛନ୍ତି । ସେହିପରି ରାଜ୍ୟ ସଂପାଦକ ଭାବେ ଦୁର୍ଯ୍ୟୋଧନ ପରିଡ଼ା, ରଞ୍ଜିତ ସାମଲ, ମମତା ମହାନ୍ତି, ଗୁଣମଣି ମହାନ୍ତି, ଆଶୁତୋଷ ସ୍ୱାଇଁ, ପ୍ରଫୁଲ୍ଲ ପରିଡ଼ା, ବରେନ୍ ଦାସ , ବିକ୍ରମ ପ୍ରଧାନ, ସତ୍ୟଭାମା ବିହାରୀ ଏବଂ ୭ଜଣଙ୍କୁ ରାଜ୍ୟ କମିଟିକୁ ନିର୍ବାଚିତ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ବିଶିଷ୍ଟ ନାଟ୍ୟକାର ତଥା ସ୍ତମ୍ଭକାର ବିଜୟ ଦାସ ଘୋଷଣା କରିଛନ୍ତି ।

## ଜିଲ୍ଲାବ୍ୟାପୀ ପରିଭ୍ରମଣ କରିବ ଅହିଂସା ରଥ

ବାଲେଶ୍ୱର (ପିଏନ୍) ବାଲେଶ୍ୱରରେ ଜିଲ୍ଲାବ୍ୟାପୀ ଅହିଂସା ରଥ ପରିଭ୍ରମଣ କରିବ । ଏହାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହିତ ରଙ୍ଗିନ ଦେଶାତ୍ମବୋଧକ ତଥା ପାରମ୍ପରିକ ନୃତ୍ୟଗୀତ ମାଧ୍ୟମରେ ପ୍ରତ୍ୟେକ ବ୍ଲକ ଦେଇ ଏହି ରଥକୁ ପରିକ୍ରମା କରାଯିବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏବଂ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରାଯାଇଛି । ସୂଚନାଯୋଗ୍ୟ ଯେ ଆଜାଦୀର ଅମୃତ ମହୋତ୍ସବ ଓ ସ୍ୱାଧୀନତାର ୭୫ ବର୍ଷ ପାଳନ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓଡ଼ିଶାର ଅବଦାନ ଓ ଗାନ୍ଧୀବାର୍ତ୍ତା ପ୍ରଚାର ପ୍ରସାର ତଥା ଜନମାନସରେ ଏହାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଓଡ଼ିଶା ସରକାର ରାଜ୍ୟବ୍ୟାପୀ ଅହିଂସା ରଥର ପରିଭ୍ରମଣ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି । ଯାହାକି ଗତ ଅଗଷ୍ଟ ୧୫ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ ରାଜଧାନୀରେ ସମାପନ ହେବାକୁ ଯାଉଛି । ଜିଲ୍ଲା ଓ ବ୍ଲକ ସ୍ତରର ସମସ୍ତ ବିଭାଗ ଓ ବିଭାଗୀୟ ଅଧିକାରୀ ମାନେ ଏହାକୁ ସୁଚାରୁରୂପେ କାର୍ଯ୍ୟକାରୀ କରାଇବା ପାଇଁ ଜିଲ୍ଲାପାଳ ସମସ୍ତ ପ୍ରସ୍ତୁତିର ରୂପରେଖ ଦେଇଛନ୍ତି । ସମସ୍ତ ବର୍ଗର ଜନସାଧାରଣ ଏହି ମହାନ ପର୍ବରେ ସାମିଲ ହୋଇ ବାଲେଶ୍ୱରବାସୀଙ୍କ ଦେଶାତ୍ମବୋଧତାକୁ ଏହି ଅହିଂସା ରଥ ପରିଭ୍ରମଣ ମାଧ୍ୟମରେ ସାଫଲ୍ୟମଣ୍ଡିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ଚଣ୍ଡିଖୋଲ ବସ୍ ମାଲିକ ସଂଘ ସଭ୍ୟଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବଡ଼ଚଣା (ପିଏନ୍): ଚଣ୍ଡିଖୋଲ ଛକସ୍ଥିତ ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟଠାରେ ସଂଘର ବରିଷ୍ଠ ସଭ୍ୟ ସ୍ୱର୍ଗତଃ ନାରାୟଣ ସ୍ୱାଇଁଙ୍କ ଅକାଳ ବିୟୋଗରେ ଏକ ସ୍ମୃତିଚାରଣ ସଭା ସଂଘର ସଭାପତି ଅମରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ପାଦକ ଦିଲିପ କୁମାର ଚୌଧୁରୀ, ଦୀପକ କୁମାର ମିଶ୍ର, ପୁଷ୍ପରାଜ ନାୟକ, ଦେବଜିତ କର, ବିଘ୍ନରାଜ ନାୟକ, ସୁନିଲ ନାୟକ, କିଶୋର ପଲେଇ, ଚିତ୍ତରଂଜନ ନାୟକ, ଅକ୍ଷୟ କୁମାର ରାଉତ, ରସିଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସ୍ୱାଇଁ ଚଣ୍ଡିଖୋଲ ଘରୋଇ ବସ୍ ମାଲିକମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ସେ ଜଣେ ସ୍ପଷ୍ଟବାଦୀ, ନିରହଂଙ୍କାରୀ, ବନ୍ଧୁବତ୍ସଳ, ପରଉପକାରୀ ଭାବରେ ଏ ଅଚଂଳରେ ପରିଚିତ ଥିଲେ । ବହୁ ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ସଂଘ ସହିତ ସେ ଜଡ଼ିତ ଥିଲେ । ତାଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ତରଫରୁ ତାଙ୍କର ପରିବାରଙ୍କୁ ସମବେଦନା ଜଣାଇବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

## ଶାରୀରିକ ଓ ମାନସିକ ସୁସ୍ଥତା ଜୀବନକୁ ସମୃଦ୍ଧ କରିଥାଏ



ଭୁବନେଶ୍ୱର (ପିଏନ୍): ଶାରୀରିକ ଓ ମାନସିକ ସୁସ୍ଥତା ପ୍ରତିଟି ମଣିଷର ଜୀବନକୁ ସମୃଦ୍ଧ କରିଥାଏ । ଏଣୁ ଆମ ଦେଶର ପ୍ରତିଟି ନାଗରିକ ପ୍ରତ୍ୟେହ ଯୋଗ, ବ୍ୟାୟାମ ଓ ଶାରୀରିକ କାର୍ଯ୍ୟର ଅଭ୍ୟାସ ଅନ୍ତତଃ ୧ ଘଣ୍ଟା କରିବା ଉଚିତ୍ । ଶରୀର ଫିଟ୍ ରହିଲେ ଆମ ଦେଶ ବି ହୋଇପାରିବ ଫିଟ୍ । ଏଭଳି ସୁସ୍ଥତାର ମନ୍ତ୍ର ଆଜାଦ୍ କୀ ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଛାତ୍ର, ଛାତ୍ରୀଙ୍କୁ ବାଣ୍ଟିଛନ୍ତି । ସୂଚନାଯୋଗ୍ୟ, ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶ ପାଳୁଛି ଆଜାଦୀ କୀ ଅମୃତ ମହୋତ୍ସବ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପରିସରରେ ଏନ୍‌ଏସ୍‌ଏସ୍, ଏନ୍‌ସିସି ଛାତ୍ର, ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର (ଖୋର୍ଦ୍ଧା) ଏବଂ ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ଖୋର୍ଦ୍ଧାର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ସହପାଠୀଙ୍କ ମୃତ୍ୟୁରେ ପରିବାରକୁ ସହାୟତା ରାଶି

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ପଂଚାୟତ ତଳଗଡ ଗ୍ରାମର ଜଗନ୍ନାଥ ପାଇକରାୟଙ୍କ ଆକସ୍ମିକ ମୃତ୍ୟୁରେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚର ୨୩ ଜଣ ସହପାଠୀ ମୃତକଙ୍କ ପୁଅ ପ୍ରତୀକକୁ ଭେଟି ୧୮ ହଜାର ୫୦୧ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଏଥିସହ ଭାରତୀୟ ବିଦ୍ୟା ନିକେତନର ସମ୍ପାଦକ ଶୁଭକାନ୍ତ ମହାପାତ୍ର ଓ ପରିଚାଳନା କମିଟିର ନିଷ୍ପତି କ୍ରମେ ସ୍ୱର୍ଗତଃ ପାଇକରାୟଙ୍କ ପତ୍ନୀ ସୁଧିଲତା ପାତ୍ରଙ୍କୁ ବିଦ୍ୟାନିକେତନରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ କୁଳମଣି ସେଠୀ, ବିଷ୍ଣୁପ୍ରିୟା ପଣ୍ଡା ଓ ସୁରେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ମହିଳାଙ୍କ ଆତ୍ମହତ୍ୟା

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଗ୍ରାମରେ ଜଣେ ମହିଳା ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ପ୍ରଶାନ୍ତ କୁମାର ସାହୁଙ୍କ ପତ୍ନୀ ଦୀପାଳି ସାହୁ (୨୬) । ଦୀପାଳିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି । ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ହେଁ ପାରିବାରିକ ଅଶାନ୍ତି କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ କହୁଛି । ଖୋର୍ଦ୍ଧା ଜିଲା ପଟିଆ ଅଞ୍ଚଳର ଦୀପାଳିଙ୍କର ୫ବର୍ଷ ପୂର୍ବେ ପ୍ରଶାନ୍ତଙ୍କ ସହିତ ବାହାଘର ହୋଇଥିଲା ବେଳେ ସେମାନଙ୍କର କୌଣସି ସନ୍ତାନ ନଥିଲା । ଦୁଇ ସପ୍ତାହ ତଳେ ସେହି ଗ୍ରାମର ଜଣେ ଯୁବ ବ୍ୟବସାୟୀ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ ।

## ଟିଏସି ସଦସ୍ୟ ପ୍ରଣବ ବଳବନ୍ତରାୟଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ଟେକ୍ନିକାଲ (ଟିଏସି)ର ସଦସ୍ୟ ଭାବେ ମନୋନୀତ ହେବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଧାୟକ ନିଜ ନିର୍ବାଚନମଣ୍ଡଳୀ ଗସ୍ତରେ ଆସିଥିବା ବେଳେ ବ୍ଲକ ବିଜେଡି, ଯୁବ ବିଜେଡି, ଗାର୍ଲ୍‌ସ ୱିଙ୍ଗସ ଓ ଧର୍ମଶାଳା ବାର ଆସୋସିଏସନ ପକ୍ଷରୁ ବିଜେଡି କାର୍ଯ୍ୟାଳୟରେ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଜେଡି ପକ୍ଷରୁ ବ୍ଲକ ସଭାପତି ଜଳଧର ମହାନ୍ତି, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲ୍‌ସ ୱିଙ୍ଗସ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ବହୁ କର୍ମୀ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ସେହିପରି ଧର୍ମଶାଳା ବାର ଆସୋସିଏସନ ପକ୍ଷରୁ ସଭାପତି କେଦାରେଶ୍ୱର ଦାଶ, ସମ୍ପାଦକ କୈଳାସ ଚନ୍ଦ୍ର ପରିଡା, କ୍ଷିରୋଦ ମୁଦୁଲି, ବ୍ରଜକିଶୋର ନାୟକ, ସୋମନାଥ ସାହୁ ଓ ନିରଂଜନ ସାମଲ ପ୍ରମୁଖ ବିଧାୟକଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ ।

## କ୍ରୋମାଇଟ ଟ୍ରକ ଚୋରୀ ଘଟଣାରେ ମାଷ୍ଟର ମାଇଣ୍ଡ ସମେତ ୫ ଅଟକ

ଧର୍ମଶାଳା (ପିଏନ୍): କ୍ରୋମାଇଟ ଟ୍ରକ ଚୋରୀ ଘଟଣାର ଧର୍ମଶାଳା ଥାନା ପୁଲିସ ପକ୍ଷରୁ ଚଢାଉ କରାଯାଇ ୫ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯିବା ସହ ଚୋରୀ ଟ୍ରକକୁ ପୁଲିସ ଜବତ କରିଥିବା ଜଣାଯାଇଛି । ତେବେ ଧରାପଡିଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ୨ଜଣ ବିଜେଡି ଦଳର ଜିଲ୍ଲାସ୍ତରୀୟ ପଦପଦବୀରେ ଥିବା ନେଇ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ ଯେ ଧର୍ମଶାଳା ଓ ବଡଚଣା ଥାନା ଅଂଚଳର କେତେକ ଅସାମାଜିକ ଯୁବକ ମିଳିତ ଭାବେ ବିଭିନ୍ନ ସମୟରେ ଟ୍ରକରୁ କ୍ରୋମାଇଟ ଏବଂ ଟ୍ରକ ଲୁଟ କରି କରିନେଇ ଟ୍ରକକୁ କାଟି ତାର ପାର୍ଟ୍‌ସଗୁଡିକୁ ଅନ୍ୟତ୍ର ବିକ୍ରି କରି ବେଶ ମୁନାଫା ହାସଲ କରୁଥିଲେ । ତେବେ ଧର୍ମଶାଳା ପୁଲିସ ପାଖରେ ଏନେଇ ଅଭିଯୋଗ ହେବାପରେ ଘଟଣାର ତଦନ୍ତ କରି ପୁଲିସ ଧର୍ମଶାଳା ଓ ବଡଚଣା ଥାନା ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୫ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଚୋରୀ ଟ୍ରକକୁ ଉଦ୍ଧାର କରିଥିବା ଜଣାପଡିଛି । ତେବେ ଏହି ଘଟଣାରେ ଅନ୍ୟ କେତେକଙ୍କ ସମ୍ପୃକ୍ତି ରହିଥିବା ବେଳେ ତଦନ୍ତ ବ୍ୟାହତ ହେବା ଯୋଗୁ ପୁଲିସ କୌଣସି ସୂଚନା ଦେବାକୁ ମନାକରିଛି ।

## ନଦୀରେ ଗାଧୋଇବା ବେଳେ ଭାସିଯାଉଥିବା ମହିଳା ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୋତପୁର ପଂଚାୟତ ଭଗବାନପୁର ମଠସାହି ଗ୍ରାମର ଜଣେ ବୃଦ୍ଧା କେଲୁଅ ନଦୀରେ ରବିବାର ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ନଦୀ ସୁଅରେ ଭାସିଯାଇଥିଲେ । ତେବେ ବୃଦ୍ଧା ଜଣକ ନଦୀରେ ୩ କିଲୋମିଟର ଭାସିଯାଇଥିବା ବେଳେ ହଳଦିଆମୁଳ ଠାରେ କିଛି ଯୁବକ ତାଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି । ଭଗବାନପୁର ମଠସାହି ଗ୍ରାମର ସ୍ୱର୍ଗତଃ ଯଦୁନାଥ ରାୟଙ୍କ ପତ୍ନୀ ପାର୍ବତୀ ରାୟ (୬୯) ଗାଧୋଉଥିବା ବେଳେ ନଦୀରେ ଭାସିଯାଇଥିଲେ । ବୃଦ୍ଧା ଜଣକ ଭାସିଯାଉଥିବା ବେଳେ ନୁଆପାଟଣା ଗ୍ରାମର ଗୁଣନିଧି ଦାସ ଦେଖି ସ୍ଥାନୀୟ ଯୁବକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲେ । ମଟର ଟ୍ୟୁବ ସାହାଯ୍ୟରେ କୋତପୁର ଗ୍ରାମର କଳ୍ପତରୁ ସାମଲ, ନୁଆପାଟଣା ଗ୍ରାମର ପ୍ରସନ୍ନ ମହାଲିକ, ହଳଦିଆମୁଳ ଗ୍ରାମର ଦୀନବନ୍ଧୁ ମଲିକ, ରାଜା ମଲିକ ଓ ଶୁବୁ ମଲିକ ପ୍ରମୁଖ ଉଦ୍ଧାର କରିଥିଲେ । ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି ।

# ସାହିତ୍ୟ ଦର୍ପଣ



## ଜଣେ ହତଭାଗ୍ୟର କାହାଣୀ



ସୁଦର୍ଶନ ମହାପାତ୍ର

ତିନି ଝିଅଙ୍କ ପରେ ଘରେ ହସ ଖୁସି ଭରିଯାଇଥିଲା ପୁଅଟିଏ ଜନ୍ମ ପରେ ।ବାପା ବୋଉ କେତେ ଶ୍ରଦ୍ଧାରେ ନାଁ ଦେଇଥିଲେ ସଦାଶିବ। ଭୋଳାନାଥ ଶିବଙ୍କୁ ପୂଜି ଶେଷରେ ମାଆ କୋଳରେ ଧରିଥିଲା ପୁଅକୁ। କେତେ ସ୍ୱପ୍ନ ଦେଖିଥିଲା। ପୁଅ ବଡ଼ ହେବ। ବାପା ମା'ଙ୍କର ନାଁ ରଖିବ ।ରୋଜଗାର କରିବ ।ଘର ପରିବାର ସମ୍ଭାଳିବ ।ବାପାଙ୍କ ବୋଝ ହାଲୁକା କରିବ ।ଭଉଣୀମାନଙ୍କୁ ବାହାଦେବ। ଭଙ୍ଗା ଘରକୁ ନୂଆ କରି ତିଆରି କରିବ। କେତେ ସବୁ ଆଶା ଖେଳି ଯାଇଥିଲା ପରିବାରରେ ।

ସଦାଶିବ ପିଲାଟି ଦିନରୁ କିନ୍ତୁ ଅଭାବକୁ ଦେଖିଚ଼ି ।ଅନୁଭବ କରିଛି ।ଅସହାୟ ହୋଇ ଗୁମୁରି ଗୁମୁରି କାନ୍ଦିଛି ।ଦିନରାତି ହାଡ଼ଭାଙ୍ଗ ପରିଶ୍ରମ କରି ଏତେ ବଡ଼ ପରିବାରକୁ ଚ଼ଳେଇ ଆସୁଥିଲେ ବାପା ।ଆଶା ଥିଲା ପୁଅ ବଡ଼ ହୋଇ ରୋଜଗାର କଲେ ଦୁଃଖ ଯିବ ।କଷ୍ଟେମଷ୍ଟେ ଛଅ ପ୍ରାଣୀଙ୍କ ପରିବାରଟି ଚ଼ଳିଯାଉଥିଲା ।

ଅନ୍ୟ ରାଇଜରେ କାମ କରୁଥିବା କାରଖାନାରେ ଥରେ ଏମିତି ନିଆଁ ଲାଗିଲା ଯେ ବାପାର ହାଡ଼ ଖଣ୍ଡେ ବି ଗଙ୍ଗାରେ ଭସେଇବାକୁ ମିଳିଲା ନାହିଁ। ମାଆ ବାର ଦୁଆର ପାଇଟି କରି ଚ଼ାରିଜଣ ଛୁଆଙ୍କୁ କେବଳ ବଞ୍ଚ଼େଇ ରଖିଲା ଯାହା ।ପେଟ ପୁରା ଗଣ୍ଡେ କାହା ଭାଗ୍ୟରେ ଜୁଟେ ନାହିଁ କୌଣସି ଦିନ।

ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବି ଯାଇ ପାରିଲାନି ସଦାଶିବ।

ପାଠଶାଠ ପଢି ସେ ଚ଼ାକିରି କରିଲେ ପରିବାରର ସବୁ ଦୁଃଖ ଘୁଞ୍ଚି ଯିବ ବୋଲି ସ୍ୱପ୍ନ ଯେମିତି ଅକସ୍ମାତ ମିଳେଇ ଗଲା ।ଏତେ ସପନକୁ ରାତି କାହିଁ ? ଚ଼ଉଦ ବର୍ଷ ନପୁରୁଣୁ ଗାଆଁରେ ମୂଲ ମଜୁରୀରେ ଲାଗିଗଲା ସଦାଶିବ।

ଯନ୍ତ୍ର ପରି ଦିନସାରା ଖଟେ ସଦାଶିବ ।ହେଲେ ସେ ତ ସମୁଦ୍ରକୁ ଶଙ୍ଖ ? ।ଏହା ଭିତରେ ଦୁଇ ଭଉଣୀଙ୍କ ବାହାଘର ସରିଲାଣି ।ଆହୁରି ଗୋଟିଏ ଭଉଣୀ ।

ଦିନେ ତା ସାଂଗ ବିଜୁ କହିଲା ଗୁଜୁରାଟକୁ କାମକୁ ଗଲେ ବହୁତ ଟଙ୍କା ମିଳୁଛି ।'ତୁ ଚ଼ାଲୁନୁ ଯିବୁ ଆମ ସାଙ୍ଗରେ' । ସଦାଶିବ ବିଜୁ ଠାରୁ ପାଖ ଗାଁର ଦଲାଲ ରାଜୁ ସ୍ୱାଇଁ ସହିତ କଥା ହୋଇ ବୋଉକୁ କହିଲା ।ପ୍ରଥମେ ବୋଉ ବହୁତ ଅମଙ୍ଗ ହେଲା ।କିନ୍ତୁ ବର୍ତ୍ତମାନର ଘରର ପରିସ୍ଥିତି,ମହଙ୍ଗା ଯୁଗ ,ଝିଅ ବୋଝ ଆଗରେ ମାତୃ ସୁଲଭ ହୃଦୟ ବି ବିବଶ । ସଦାଶିବ ଚ଼ାଲିଲା ସାଙ୍ଗମାନଙ୍କ ସହ ଗୁଜୁରାଟ ।ସୂତା କଳରେ କାମରେ ଲାଗିଲା ଯାଇ ସେଠି। ଦିନସାରା କାମ ।ରାତିରେ ସାଙ୍ଗମାନଙ୍କ ସହ ରନ୍ଧାବଢ଼ା ଖିଆପିଆ ସାରି ଅବଶ ଦେହକୁ ଭୁଇଁରେ ଲୋଟାଇ ରାତି କଟାଇ ଦିଏ। ଧିରେ ଧିରେ କିଛି ଟଙ୍କା ସଞ୍ଚୟ କରି ଘରକୁ ବି ପଠାଇବାକୁ ସକ୍ଷମ ହେଲା।

ନୂଆ ସ୍ୱପ୍ନ ସବୁ ସଦାଶିବକୁ ଅସ୍ତବ୍ୟସ୍ତ କରିବା ଆରମ୍ଭ କଲା ।ଯୁବକ ବୟସ ।ମନ ରଙ୍ଗୀନ ।ଗରିବ ହେଲା ବୋଲି କଣ ଖୁସି ସ୍ୱପ୍ନ ଦେଖିବା ମନା ! ଆଉ ଗୋଟିଏ ଭଉଣୀର ବାହାଘର ସାରି ଘରକୁ ମରାମତି କରିବ। ନିଜେ ବାହାତୋଳା ହେବ ।ବେଶ ଖୁସିରେ ବିତି ଯିବ ଦିନ।

ସତକୁ ସତ ଦିନେ ସଦାଶିବର ଗୋଟିଏ ସ୍ୱପ୍ନ ପୂରଣ ହେବାର ସମୟ ଆସିଲା ।ସାନ ଭଉଣୀର ବାହାଘର ଠିକ୍ ହୋଇଗଲା। ଘରକୁ ଫେରିଲା ସଦାଶିବ। କୌଣସି ମତେ ଭଉଣୀର ବାହାଘର କାମ ଉଠେଇଲା। କେତେ ହାତ ଉଧାରି, କେତେ କରଜ ହେଲା। ସେସବୁକୁ ତ ପୁଣି ଶୁଝିବାକୁ ପଡିବ !

ସଦାଶିବ ଆଉଥରେ ବାହାରିଲା ଗୁଜରାଟ ।ମାଆ ମନା କଲା ଏଥର। ଏଇଠି ରହି କିଛି କର ଏଥର। ବହୁତ ଖଟିଲୁଣି ଯାଇ ବିଦେଶରେ। ମୋ ହୀନ କପାଳକୁ ତୋ ବାପା ସେଇ ବିଦେଶରେ ହଜିଗଲେ ଯେ ତାଙ୍କ ମୁହଁ ଟିକିଏ ଦେଖି ପାରିଲିନି ଶେଷ ସମୟକୁ। ମାଆ କଇଁ କଇଁ ହୋଇ କାନ୍ଦୁଥିଲା। ହେଲେ କର୍ତ୍ତବ୍ୟ ଆହ୍ୱାନରେ ବିବଶ ଥିଲା ସଦାଶିବ। ବହୁ କଷ୍ଟରେ ମାଆ ରାଜିହେଲା ଗୋଟିଏ ସର୍ତ୍ତ ରଖି। ପାଖ ଗାଁର ସୁନାନାକୀ ଝିଅ ପାରକୁ ତା' ଘରକୁ ବୋହୂ କରି ଆଣି ସାରିଲେ ତା ପରେ ଯାଇଁ ଯଉକଥା। ମାଆ କଥାକୁ ଆଉ କାଟି ପାରିଲାନି ପୁଅ। ରହିଗଲା ଆଉ କେତେ ମାସ ଗାଁ ରେ। ବୋହୂକୁ ଘରେ ଛାଡି ମାଆ ଆଉ କେତେଟା କାମ ଧରିଲା ।ପାରୁ ପର୍ଯ୍ୟନ୍ତ ଖଟିଲା। ସଦାଶିବ ବି ଆଗଭଳି ମୂଲ ମଜୁରୀରେ ଲାଗିଲା। ହେଲେ ଗାଁ ରେ ସବୁଦିନ କାମ କାଇଁ ? କାମକୁ ଗଲେ ବି ମୂଲ ପଇସା ଦେବାରେ ଟାଳଟୁଳ ନୀତି..!

ଏଇ ସମୟ ଭିତରେ ଘରକୁ ନାତି କି ନାତୁଣୀର ଆବିର୍ଭାବ ହେବାର ସଂକେତ ପାଇଲା ମାଆ। ସବୁ କଷ୍ଟ ଭିତରେ ଯେମିତି ଖୁସିର ଗୋଟିଏ ଲହରୀ ଖେଳିଗଲା ପରିବାର ଭିତରେ।

ବଳ ବୟସ ଥାଉ ଥାଉ ନ ଖଟିଲେ ଆଗକୁ ବୟସ ଗଡିଲେ କ'ଣ ରୋଜଗାର କରି ହେବ ? ଦି' ପଇସା ରଖିହେବ ଭବିଷ୍ୟତ ପାଇଁ ? ଘରକୁ ନୂଆ ସଦସ୍ୟ ଆସୁଥିବାର ଖୁସିରେ ଯେତିକି ବିମୋହିତ ହେଉଥିଲା, ପରିବାରର ଭରଣପୋଷଣ ଚ଼ିନ୍ତା , ଭଙ୍ଗାଘର ଜାଗାରେ ଦୁଇ ବଖରା କୋଠାଘର ଗଢିବାର ଚ଼ିନ୍ତା ତା' ମଗଜରେ କିଳିବିଳି ହେଉଥିଲା। ସଦାଶିବ ମୁଣ୍ଡରେ ପୁଣି ଥରେ ଦାଦନ ହୋଇ ଯିବାର ଇଚ୍ଛା ପ୍ରକଟିତ ହେଲା।

ହେଲେ ଗରିବର ଭାଗ୍ୟ ପଥର ତଳେ ! ଗୁଜୁରାଟରେ ପହଞ୍ଚିବାର ଛଅ ମାସ ଯାଇନି ଜ୍ୱରରେ ପଡିଲା ସଦାଶିବ। ଚ଼ିକିତ୍ସା ପାଇଁ ଡାକ୍ତର ଦେଖାଇଲା ।ଜର ଅବଶ୍ୟ ଭଲ ହୋଇଯାଇଥିଲା। କିଛି ଦିନର ବ୍ୟବଧାନ ପରେ ପୁଣି ଜ୍ୱର ଲେଉଟିଲା। ଦିନକୁ ଦିନ ତାକୁ କାହିଁକି କେଜାଣି ଅବଶ ଅବଶ ଲାଗୁଥିଲା। ଡାକ୍ତର ଦେଖାଇଲା ସିନା ଜ୍ୱର ଛାଡ଼ିବାର ନାଁ ନାହିଁ।

ଆଉଥରେ ଡାକ୍ତର ଦେଖାଇଲା। ପାଖରୁ ପଇସା ସରି ଆସୁଥିଲା ।ସାଙ୍ଗ ମାନେ କିଛି ଦିନ ପରେ ଦୂରଛଡା ଦେବା ଆରମ୍ଭ କଲେ। ଦାଦନ ଖଟିବାକୁ ଯାଇଥିବା ଲୋକର ସମୟ କାହିଁ ଆଉ କାହାର ସେବା ଶୁଶ୍ରୁଷା କରିବାକୁ କିମ୍ବା ସହାୟତାର ହାତ ବଢାଇବାକୁ ! କିଏ ପୁଣି କେତେ ଟୀକା ଟିପ୍ପଣୀ ଦେଲେ। ସଦାଶିବ ଉପାୟ ନପାଇ ଘରକୁ ଫେରିବାକୁ ସ୍ଥିର କଲା। ହଠାତ୍ ଚ଼ାରିଆଡେ ହୁରି ପଡିଗଲା ଗୁଜୁରାଟରୁ ଫେରୁଥିବା ଟ୍ରେନ ଦୁର୍ଘଟଣାଗ୍ରସ୍ତ ହୋଇ ବହୁ ଲୋକଙ୍କ ପ୍ରାଣ ଯାଇଛି। ସେଇ ଟ୍ରେନରେ ପୁଅ ଫେରୁଥିଲା। ମାଆ ହାଉଳି ଖାଇଲା ଖବର ଶୁଣି ।ବୋହୂର କଇଁ କଇଁ କରୁଣ କାନ୍ଦ ସ୍ୱରରେ ମାଆ ଆହୁରି ଧୈର୍ଯ୍ୟ ହରା ହେଲା ।ଦୌଡିଲା ରଘୁ ସ୍ୱାଇଁ ଘରକୁ। ସେଇ ତ କୁହା ବୋଲା କରି ତା' ପୁଅକୁ ପଠାଇଥିଲା ଗୁଜୁରାଟକୁ ଦାଦନ କରି।

ସେଥିରେ ଏଇ ପାଖ ଆଖ ଗାଁ ରୁ ଆଠ ଜଣ ମରିଛନ୍ତି।

ରଘୁ ସ୍ୱାଇଁ ବି ଫୋନ୍ ଲଗାଇଲା ସଦାଶିବ ପାଖକୁ। ଫୋନ ଲାଗୁନାହିଁ। କଣ କରିବ ବୁଝି ପାରିଲା ନାହିଁ ମାଆ ।କେମିତି ଜାଣିବ ସେ ଆଠ ଜଣଙ୍କ ଭିତରେ ତା ପୁଅ ଅଛି କି ନାହିଁ ।ପାଗଳି ପରି ଆଠଦଶ ଥର ରଘୁ ସ୍ୱାଇଁ ଘରକୁ ଅକାରଣେ ଦୌଡିଲା ଯାହା ।ଘରେ ବୋହୂର ଅବସ୍ଥାକୁ ଆଖିରେ ଦେଖି ପାରୁନଥିଲା।

ସଞ୍ଜ ବୁଡି ଅନ୍ଧାର ହେଲା ।ଘର ଭିତରକୁ ସତେକି କିଟି ମିଟି ଅନ୍ଧାର ଭୂତ ହୋଇ ଡରେଇ ପଶି ଆସୁଛି। ମାଆ ଦାଣ୍ଡକୁ ଟିକେ ପରେ ଟିକିଏ ଦଉଡ଼ି ଯାଉଛି କାଳେ କାଳେ କିଏ ଖବର ନେଇ ଆସିବ ବୋଲି । ଆଖିରେ ଲୁହର ଶ୍ରାବଣ ।ରାତି ସାରା ଏପଟ ସେପଟ ହୋଇ ପାହାନ୍ତା ବେଳକୁ ଘର ପିଣ୍ଡାକୁ ଆଉଜି ଘୁମେଇ ପଡିଲା ବିଚ଼ାରି।

-' ବୋଉ... !'

ଚ଼ମକି ଠିଆ ହେଲା ମାଆ। ସାମ୍ନାରେ ତା ପୁଅ। ଦୁଇଟି ହାତ ତା ପାଦ ଛୁଇଁବାକୁ ଲମ୍ବି ଆସୁଥିଲା। ପୁଅ କୁ ଗୋଟାପଣେ କୁଣ୍ଢେଇ ଧରି ଭୋ ଭୋ ରଡ଼ି ଛାଡିଲା ମାଆ। ପୁଅ ପୋଷାକରେ ରକ୍ତ ର ଛିଟା। ମୁଣ୍ଡରେ ପଟି ।ତନ୍ନ ତନ୍ନ କରି ଉଣ୍ଡାଳି ପକାଇଲା ପୁଅର ଦେହମୁଣ୍ଡ। ଆଶ୍ୱସ୍ତ ହେଲା। ପୁଅ ଭଲରେ କୋଳକୁ ଫେରିଛି ।କବାଟ ଫାଙ୍କାରେ ଉକୁଟି ଦିଶୁଥିଲା ଅଲୁଳାୟିତ କେଶବାସ ନେଇ ଅଶ୍ରୁ ସଜଳ ମୁହଁଟିଏ। ଗରିବ ର ଭାଗ୍ୟ ପଥର ତଳେ ବୋଲି ଲୋକମୁଖରେ ଯାହା ଶୁଣାଯାଏ , ସଠିକ ପ୍ରତିପାଦିତ ହେଉଥିଲା ଏଇ ପରିବାରଟି ପାଇଁ। କିଛି ଦିନ ପରେ ଲୋକମାନେ ସଦାଶିବର ରୋଗ ବିଷୟରେ ଟୁପୁରୁ ଟାପର ହେବା ଆରମ୍ଭ କରିଦେଲେ। ଶେଷକୁ ବୋହୂକୁ ପଚ଼ାରି ସବୁ ବୁଝିଲା ମାଆ ।ସତରେ ତା ପୁଅର ରୋଗ କେଉଁ ବେଶ୍ୟା ଠାରୁ ଆସିଛି ବୋଲି ସେ ବିଶ୍ୱାସ କରି ପାରୁନଥିଲା ।ବଡ଼ ଡ଼ାକ୍ତରଖାନାକୁ ନେଇଗଲା ପୁଅକୁ। ଯେଉଁ କଥାକୁ ଡର ଥିଲା ସବୁ ପରୀକ୍ଷା ନୀରିକ୍ଷା ପରେ ସେଇଟା ହିଁ ସାବ୍ୟସ୍ତ ହେଲା।

ଘରକୁ ଫେରି ସଦାଶିବ କିନ୍ତୁ ସେ ଏମିତି କିଛି ଖରାପ କାମ କରିନି ବୋଲି ସ୍ତ୍ରୀ କୁ ସଫେଇ ଦେଲା, ମା ମୁଣ୍ଡ ଛୁଇଁ ରାଣ ଖାଇଲା। ହେଲେ ଗାଁ ଲୋକଙ୍କୁ ସେ କେମିତି ପ୍ରମାଣିତ କରିବ ତା'ର ନିର୍ଦ୍ଦୋଷ ପଣିଆ ? ଛାତିରେ କୋହ ଜମାଟ ବାନ୍ଧିଲା। ହୃଦୟ ହାହାକାର ରେ ଭରିଗଲା। ତା' ଚ଼ାରିପଟେ ଅବିଶ୍ୱାସର ଆଖି ସବୁ ଘୁରି ବୁଲୁଛନ୍ତି ବୋଲି ତାକୁ ପ୍ରତୀତ ହେଲା।

'ଟ୍ରେନ ଦୁର୍ଘଟଣାରେ ମରିଯାଇଥିଲେ ବରଂ ଭଲ ହୋଇଥାନ୍ତା। କେତେ ଲକ୍ଷ ଟଙ୍କା ହେଲେ ତ ତୁମ ମାନଙ୍କୁ ମିଳି ଯାଇଥାନ୍ତା। ଏମିତି ତ ଆଉ ଅଳ୍ପ ଦିନର ଆୟୁଷ' ବୋଲି ସଦାଶିବ ସେଦିନ ଘରେ କହିଲା ତ ମାଆ ତା ତୁଣ୍ଡରେ ହାତ ଦେଲା। ସ୍ତ୍ରୀ ଆଖିରେ ସମୁଦ୍ରେ ହେବ ଲୁହ ଟଳମଳ ହେଉଥିଲା। ସଦାଶିବକୁ କ'ଣ କହିବ, କ'ଣ କରିବ କିଛି ବୁଝି ପାରୁନଥିଲା ।ଘର ଶୂନଶାନ ପ୍ରତୀୟମାନ ହେଲା। ପରଦିନ ସଦାଶିବ ଘରେ ଲୋକାରଣ୍ୟ ଥିଲା। ମାଆର ଲହରାୟିତ କାନ୍ଦରେ ଦେଖଣାହାରୀଙ୍କ ଛାତି ଫାଟି ଯାଉଥିଲା ଯେମିତି। ସ୍ଥାନୀୟ ନେତା କେତେଜଣ ଆସି ତା' ମାଆ ଆଉ ସ୍ତ୍ରୀଙ୍କୁ ପ୍ରବୋଧନା ଦେଉଥିଲେ। ଜୀବନକୁ ଠିକ୍ କରି ବୁଝିବାକୁ ଚେଷ୍ଟା କରୁ କରୁ ସଦାଶିବ ଶବ ପାଲଟି ଯାଇଥିଲା ।ତା' ଭିତରେ ଜାଗରିତ ସବୁ ସ୍ୱପ୍ନ ବି ନିରବି ଯାଇଥିଲେ। କେବଳ ଖବର ଭିତରେ ହଜିଯାଇଥିଲା ଗୋଟିଏ ଦାଦନର ଇଚ୍ଛାମୃତ୍ୟୁ ସମ୍ବନ୍ଧୀୟ ଛୋଟ ଲେଖାଟିଏ।

( ବି. ଦ୍ର - ଜ୍ୱର ପାଇଁ ଚ଼ିକିତ୍ସିତ ହୋଇଥିବା ନକଲି ଡ଼ାକ୍ତରଙ୍କ ଅଶୋଧିତ ଛୁଞ୍ଚି ଦ୍ୱାରା ସଦାଶିବ ଏଡ଼ସ ଭଳି ରୋଗର ଶିକାର ହୋଇଥିବା କଥା ପରେ ଅନୁସନ୍ଧାନରୁ ଜଣାପଡ଼ିଥିଲା।)

*କୁଞ୍ଜବିହାରୀ ଲେନ, କଟକ*
*୯୪୩୮୧୭୫୫୪୨*

## ଅମାବାସ୍ୟାର ରାତି



ସୁଚ଼ରିତା ମହାନ୍ତି

କେଜାଣି କେତେ ଥର ପାପ ସାଉଁଟି ଥିବ ତା'ର ହିସାବ ସେ ରଖିନି। ଯେତେ ଥର ପାପ ର ହାତ ତା' ପାଖକୁ ବଢ଼ି ଆସିଚ଼ି ସେ ଆକଟ କରିପାରିନାହିଁ ।

ଦୀପ ଟିଏ ଜାଳି କାହା ଜୀବନ ଆଲୋକିତ ହେଉ ବୋଲି ମନାସିବ ।କାହା ଜୀବନ ରୁ ଅନ୍ଧକାର ଦୂର ହେଉ ବୋଲି ମନାସିବ !

ବିଶ୍ୱାସ ଓ ଭରସାର ଯେତେ ସବୁ ଶବ୍ଦ ତା' ପାଇଁ ଗୋଟିଏ ଗୋଟିଏ ମୂଲ୍ୟହୀନ ଶବ୍ଦ ପାଲଟି ଯାଇଚ଼ି।

ସେଦିନ ଥିଲା ଦୀପାବଳି। ଅମାବାସ୍ୟା ତିଥି । ତୁହାକୁ ତୁହା ବର୍ଷା ପବନ। ମଝିରେ ମଝିରେ ଘଡ଼ଘଡ଼ି ଶବ୍ଦ ରେ କାନ ଫାଟି ପଡୁଥିଲା। ଯେତିକି ଅନ୍ଧାର ସେତିକି ଭୟ ରେ ନିଜକୁ ଅସହାୟ ମନେ କରୁଥିଲା।

କେହି ଜଣେ ବରଡ଼ା ଘେରା ଦର ଆଉଜା ଫାଙ୍କ ଦେଇ ଘର ଭିତରକୁ ପଶି ଆସିବା ଭଳି ଶୋଭା କୁ ଲାଗୁଥିଲା। କିନ୍ତୁ ସେ ଠିକ୍ ଭାବରେ ଠଉରାଇ ପାରୁନଥିଲା କାହାର ସେ ଶବ୍ଦ ମଣିଷ ର ନା କେଉଁ ଜୀବ ଜନ୍ତୁ ର ।

କିଏ କିଏ ବୋଲି ପଚ଼ାରିଲା।

ଉତ୍ତର ନଥିଲା।

କେହି ଜଣେ ତା' ପଛ ପଟୁ ତା' ଛାତିରେ ହାତଦେଇ ତାକୁ ଭିଡ଼ି ଧରୁଥିଲା ।ସେ ଚ଼ିତ୍କାର କରିବା ଆଗରୁ ତାକୁ ବଳିଷ୍ଠ ବାହୁ ଦୁଇଟି ଯେମିତି ନିସ୍ତେଜ କରିବା କୁ ଚ଼ାହୁଁଥିଲା।

ଚ଼ିତ୍କାର କରିଥିଲେ କ'ଣ ହେଇଥାନ୍ତା।

ଶୁଣି ଥାନ୍ତା କିଏ।

କାହା ପାଖରେ ପହଞ୍ଚି ପାରି ଥାନ୍ତା ତାକୁ ଉଦ୍ଧାର କରିବା ପାଇଁ ତା'ର ଆକୁଳ ନିବେଦନ।

ସେ କ'ଣ ଦ୍ରୌପଦୀ ଥିଲା କି ସଖା କୃଷ୍ଣ କୋଟି ବସ୍ତ୍ର ଲମ୍ବେଇ ଦେଇଥାନ୍ତେ ଲଜ୍ଜା ନିବାରଣ ପାଇଁ।

ସେ ଥିଲା ଅସହାୟ ଯୌବନା ଟିଏ।

ଛଟା ବାଡ଼ କାନ୍ଥ, କେଇ ଖଣ୍ଡ ଶୁଖିଲା କାଠ, ଅନ୍ୟର ଦୟାରେ ମିଳିଥିବା ଦୁଇ ଚ଼ାରି ଟି ପୁରୁଣା ଲୁଗା ଆଉ କିଛି ଚ଼ାଉଳ କୁ ଆଶ୍ରା କରି ସେ ବଞ୍ଚିଥାଏ। କେବେ କାହାର ଆବଶ୍ୟକତା ପଡ଼ିଲେ କାହା ଘରେ ପାଇଟି କଲେ ଯାହା ମିଳେ ସେଇଥିରେ ତାକୁ ମିଳିଥାଏ ସ୍ୱର୍ଗ ସୁଖ।

ଆଉ ଅଛି କିଏ ଯେ, କିଏ ତା' ପାଇଁ ଚ଼ିନ୍ତା କରିବ ନା ସେ କାହା ପାଇଁ ଚ଼ିନ୍ତା କରିବ। ଶୋଭାର ଯୌବନ ଅବସ୍ଥା ଅନେକ ଙ୍କୁ ଆକର୍ଷିତ କରେ । ଅନେକ ଙ୍କ କ୍ରୁର ଚ଼ାହାଣି ରେ ସେ ନିଜକୁ ଅସୁରକ୍ଷିତ ମନେ କରେ। ମୁହଁ ଖୋଲି କାହାକୁ କିଛି କହିପାରେନି ।ମୁଣ୍ଡ ପାତି ସବୁ ସହିଯାଏ। ଦୁନିଆରେ ବଞ୍ଚି ରହିବା ଗୋଟିଏ ଏକୁଟିଆ ଝିଅ ପାଇଁ ଅଭିଶାପ ବ୍ୟତୀତ ଆଉ କିଛି ନୁହେଁ। ନିଛାଟିଆ ଜଙ୍ଗଲ ଭଳି ଜାଗା ରେ ବାପା ମା' ଭାଇ ଙ୍କ ସହିତ ବଢ଼ିଥିଲା। ଧିରେ ଧିରେ ଜଣଂକ ପରେ ଜଣେ ଅଜଣା ରୋଗରେ ଆରପାରିକୁ ଚ଼ାଲିଗଲେ। ବିଚ଼ାରୀ ଶୋଭା ଏକୁଟିଆ ଚ଼ଳିବାକୁ ଭାରି ହନ୍ତସନ୍ତ ହେଉଥିଲା ଏ ଅବିବେକି ଦୁନିଆରେ।

ଶୋଭା ବାରଂବାର ଚେଷ୍ଟା କରୁଥିଲା ନିଜକୁ ରକ୍ଷାକରିବା କୁ । ହେଲେ ପାରୁ ନଥିଲା। କ୍ରମଶଃ ତା' ଶରୀର ଦୁର୍ବଳ ହେବାକୁ ଲାଗୁଥିଲା ।ନର ରାକ୍ଷସ ତା' ଶରୀରକୁ ଲହୁ ଲୁହାଣ କରୁଥାଏ । ଅନ୍ଧକାର ଭିତରେ ସେ ଚେହେରା ଦେଖି ପାରୁନଥିଲା କେବଳ ତା'ର ନିଜର ପୀଡ଼ା କୁ ଅତି ଦୟନୀୟ ଭାବେ ଅନୁଭବ କରୁଥିଲା ।ସମଗ୍ର ଶରୀରର କ୍ଷତ ଚ଼ିହ୍ନକୁ ଆଉଁସି ବାକୁ ହାତ ଆଙ୍ଗୁଠି ମଧ୍ୟ ପହଞ୍ଚାଇବାକୁ ସେ ଅସମର୍ଥ ଥିଲା ।ଅସହ୍ୟ ଯନ୍ତ୍ରଣା ରେ ଛଟପଟ ହେଉଥିବାବେଳେ ହିଂସ୍ର ରାକ୍ଷସ ଟା କ'ଣ ତାକୁ ଦୟାକରୁ ଥିଲା କି ! ହଁ ଏମିତି ଦୟା କିଏ ବା ନକରିବ । ବର୍ଷା ଛାଡ଼ିବା ପୂର୍ବରୁ ସେ ତା' ତଣ୍ଟିଚ଼ିପି ମାରି ଦେଇଥିଲା।

ବାସ୍ ଏତିକି ଦୟା କରିଥିଲା।

ଦୁଇ ଦିନ ପରେ ଶୋଭା କୁ ଖୋଜା ପଡ଼ିଲା ଘର କାମ ପାଇଁ। ଗାଁ ରୁ ଡକରା ଗଲା । କିନ୍ତୁ ଶୋଭା ନଥିଲା ଶୋଭା ର ଉଲଗ୍ନ କ୍ଷତ ବିକ୍ଷତ ମୃତ ଶରୀର ଟା ପଚ଼ିଶଢ଼ି ଦୁର୍ଗନ୍ଧ ରେ ଫାଟି ପଡୁଥିଲା।

ଥାନା କୁ ଖବର ଗଲା। ତଦନ୍ତ ଆରଂଭ ହେଲା, ଦୋଷୀକୁ ଖୋଜାଖୋଜି ଚ଼ାଲିଲା,ଶବ ବ୍ୟବଚ୍ଛେଦ ପାଇଁ ପଠାଇଦିଆଗଲା ।ସମସ୍ତ ମିଡିଆ ରେ ଖବର ପ୍ରସାରଣ ହେଲା। ତୁଣ୍ଡ ବାଇଦ ସହସ୍ର କୋଶ , କଥା ବ୍ୟାପୁଥିଲା,କିନ୍ତୁ ହେଲା କ'ଣ।

ଅମାବାସ୍ୟାର ସେ କାଳ ରାତି କଥା ଭାବି ଶୋଭା ର ଆତ୍ମା କ'ଣ ଶାନ୍ତି ପାଉଥିବ !!

ଅମାବାସ୍ୟା ର ବହଳ ଅନ୍ଧକାର ଭିତରେ ଶୋଭା ର ଜୀବନ ଦୀପ ସବୁଦିନ ପାଇଁ ଲିଭି ଗଲା।

*କାଏଣ୍ଡା, ବାଲେଶ୍ୱର*
*୮୯୧୭୫୭୧୨୦୨*

## ଭଲ ପିଲା ଅମେ ହେବୁ

*ମିନର୍ଭା ସ୍ୱାଇଁ*



ପାଦ ଦେଇ ଅଛ ବାଟ ଚାଲିବାକୁ
ଅବାଟେ ବୁଲିବୁ ବାହିଁ
ଅବାଟରେ ଯାଇ କ□ମାଡିବୁନି
ବାଟକୁ ଭୂଲିବୁ ନାହିଁ।
ହାତ ଦେଇ ଅଛ ହାତ ଯୋଡିବାକୁ
ହାତ ଉଠାଇବୁ ନାହିଁ
ହାତେ ମାପି ସଦା ଚାଖଣ୍ଡେ ଚାଲିବୁ
ହାତାହାତି ହେବୁ ନାହିଁ।
ପାଟି ଦେଇଅଛି ଖାଦ୍ୟ ଖାଇବାକୁ
ଅଖାଦ୍ୟ ଖଇବୁ ନାହିଁ
ମୁହଁ ଦେଇଅଛି ଭାଷା କହିବାକୁ
ଅଭାଷା କହିବୁ ନାହିଁ।
ଛାତି ଦେଇଅଛି ଛାତି ପତାଇବୁ
ପଛକୁ ହଟିବୁ ନାହିଁ
ଛାତିରେ ଛାତିଏ ସାହସ ବାନ୍ଧିବୁ
କାହାକୁ ଡରିବୁ ନାହିଁ ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତସିଂହପୁର*
*ମୋ. ନଂ -୯୮୫୩୩୧୦୮୩୮*

## ନିଶୂନ କୋଠରୀ

*ସୁଧାକର ରାଉତ*



ଜୀବନର ଦୀପ ଏବେ
ଆସେ ଲିଭି ଲିଭି ।
ବୟସ ସଳିତା ହାତ ଟେକେ
ମନେ କଣ ଭାବି ।
ଜୀବନ ନିଃସଙ୍ଗ ହୋଇ
ହୁଏ ଅନ୍ତର୍ମୁଖୀ ।
ଦେଖେ କେହି ଜଣେ
ପ୍ରତିକ୍ଷଣେ ତାହାକୁ ପରଖେ ନିରେଖି ।
ଖାଲି ସମ୍ଭାବନା ହିଁ ଉତପ୍ରେରକ
ଯାହାକୁ ନେଇ ସେ ଲଭଇ ପୁଲକ ।
ହେଲେ ସେ ବି ଦୋହଲେ
ଶୁଷ୍କପତ୍ର ଭଳି ।
ଦେଖାଏ ବାହାନା
ଯିବା ପୂର୍ବୁ ସମୟରେ ଟଳି ।
ନିଜଠୁ ଅଧିକ ଭଲପାଅ ଯା'ରେ
ଇନ୍ଦ୍ରଧନୁ ର ସପ୍ତରଙ୍ଗ ମାୟା ଲଗାଇ
ଅପୂର୍ବ ଅନୁଭବ ଜଗାଇ
ହଜିଯିବ ନୀଳ ଉଆସ ରେ ।
ଆଶ୍ୱାସନା କୁ ଠେଲି ଦେଇ
ଗାଢ଼ ଅନ୍ଧକାରେ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଏଇ ସନ ଦୀପାବଳିରେ

*ସିବୁ ଦଳେଇ*



ଧବଳ ଟଗର କଟକ ନଗର
ଖ୍ୟାତି ଯାର ତାରକସି କାମରେ
ଦୀପାବଳିର ଏ ଅମୃତ ମୁହୂର୍ତ୍ତ ?
ଛିଡ଼ା ହୋଇଛି ମୁଁ ତା'ର ବକ୍ଷରେ
ଏଇ ସନ ଦୀପାବଳିରେ ।୧।
ଦିନ ଯାଏ ବିତି ସନ୍ଧ୍ୟା ଆଗମନ
ଆଲୋକ ଉତ୍ସବ ଭିଡିରେ
ବଡ଼ ବଡୁଆ ହୋ ଡାକ ଶୁଭୁ ନାହିଁ
ଦୀପ ହଜେ ଚ଼ୀନା ବଲ୍ ରେ
ଏଇ ସନ ଦୀପାବଳିରେ ।୨।
ଘରେ ହେଉ ନାହିଁ ଚ଼କୁଳି ଆରିସା
ବସେ ନାହିଁ ହାଣ୍ଡି ଚୁଲିରେ
ବିଦେଶୀ ଖାଦ୍ୟର ଚ଼ାହିଦା ଅଧିକ
ରୋଲ୍ ଚ଼ାଉମିନ ମିଳେ ହାଟରେ
ଏଇ ସନ ଦୀପାବଳିରେ ।୩।
ପୁଅ ଫୁଟାଉଛି ହାବେଳି ରକେଟ
ବସୁଧା ଥରୁଛି ବୋମା ମାଡ଼ରେ
ଧପଧପି କୁମ୍ଭି ଝିଅ ଫୁଟାଉଛି
ପଥ ଦିଶେ ନାହିଁ ବାଣ ଧୂଆଁରେ
ଏଇ ସନ ଦୀପାବଳିରେ ।୪।
ବାଣର ପ୍ରକମ୍ପେ ନିଆଁର ଆତଙ୍କ ?
ନିରୀହ ଜୀବ ଯେ କାନ୍ଦେ ଭୟରେ
କେଉଁଠିକୁ ଯିବ ସବୁଠି ବାରୁଦ
ବିଶ୍ୱଯୁଦ୍ଧ କିସ ହେଲା ପୁଣିରେ
ଏଇ ସନ ଦୀପାବଳିରେ ।୫।
ତୋପ ବାଣ ଦେଖି ଭୀତତ୍ରସ୍ତ ପକ୍ଷୀ
କାନ ଫାଟିଯାଏ ଘୋର ଶବ୍ଦରେ
ନିଆଁର ଚ଼ମକ ଦେଖି ତା ହାଲୁକ
ଛଟପଟ ହୁଏ ଧୂଆଁ ଭିଡ଼ରେ
ଏଇ ସନ ଦୀପାବଳିରେ ।୬।
ନିଦ୍ରା ଯାପନେ କେତେ ବଗ ଥିଲେ
ମହାନଦୀ କୂଳ ଆମ୍ବ ଗଛରେ
ଥୋକେ ନିଆଁ ଯାଇ ପଡ଼ିଗଲା ସେଠି
ବଗ ଉଡ଼ିଗଲେ ପ୍ରାଣ ଆତୁରେ
ଏଇ ସନ ଦୀପାବଳିରେ ।୭।
ପୁଣି ଅନ୍ୟ ସ୍ଥାନେ ବସନ୍ତି ପକ୍ଷୀଏ
କ୍ରୁର ମଣିଷର ବାଣ ଭୟରେ
କେଉଁ ଦୁର୍ବୃତ୍ତଏଁ ବୋମା ଫୁଟାଇଲେ
ଉଡ଼ି ବୁଲେ ପକ୍ଷୀ ବିନା ବାସରେ
ଏଇ ସନ ଦୀପାବଳିରେ ।୮।
ବିଷାକ୍ତ ଧୂଆଁ ଓ ପ୍ରଚ଼ଣ୍ଡ ଗର୍ଜନେ
ବୁଲା ଗୋରୁ ବୁଲୁ ନାହିଁ ଦାଣ୍ଡରେ
କୁକୁର ବିଲେଇ ଲୁଚ଼ିଲେ କୁଆଡ଼ ?
ଆକାଶ ହଜିଛି ଧୂଆଁ ଭିତରେ
ଏଇ ସନ ଦୀପାବଳିରେ ।୯।
ଜଣା ପଡୁନାହିଁ ବାୟୁ ପ୍ରଦୂଷଣ
ବାଣ ଫୁଟାଇ ମୁଁ ଆଜି ଖୁସିରେ
ପର ଦିନ ପୁଣି କେତେ ଛାରଖାର
ପୋଡ଼ି ହୋଇଛି କେ କେତେ ରୂପରେ
ଏଇ ସନ ଦୀପାବଳିରେ ।୧୦।
ନିକଟ ଅତୀତେ ପୁରୀ ବାଣ ପୋଡ଼ି
ଜୀବନ ନେଇଛି କେତେ ରେ
ମାଆ କୋଳୁ ପୁଅ ଅଲଗା ହୋଇଛି
ବାଣ ଫୁଟାଇ ତୁ ଭାରି ଖୁସିରେ
ଏଇ ସନ ଦୀପାବଳିରେ ।୧୧।
ଦୀପାବଳି ଏତ ନୋହିଁ ପାରେ କେବେ
ଯୁଦ୍ଧ ଲାଗିଛି ବାରୁଦ ମଧ୍ୟରେ
ଏ ଛାର ମଣିଷ ବୁଝି ପାରୁ ନାହିଁ
ଡାକେ ବିପଦ ପରିବେଶରେ
ଏଇ ସନ ଦୀପାବଳିରେ ।୧୨।
ଦୁଇ ଦିନ କାହିଁ ମାସ ମାସ ଧରି
ଦୀପାବଳି ଭାଇ
ଯଦି ହେବରେ
ଏ ମୂର୍ଖ ମାନବ ଫୁଟାଇବ ବାଣ
ଧନ ଜୀବନ ଲୋଟାଇ ମାଟିରେ
ଏଇ ସନ ଦୀପାବଳିରେ ।୧୩।
ବୃକ୍ଷ ଲତା ରୋପି ପ୍ରଦୂଷଣ ରୋକ
ବଞ୍ଚିବୁ ଯଦି ଏ ସଂସାରେ
କ୍ଷଣ ସୁଖ ପାଇଁ ବାଣ ଫୁଟାଇଲେ
କିସ ଲାଭ ତୁ ପାଇବୁ ଭାଇରେ
ଏଇ ସନ ଦୀପାବଳିରେ ।୧୪।

*ଯୋଡୁମୁଁ, ବଡ଼ମ୍ବା, କଟକ*
*ମୋ -୮୪୫୭୦୦୩୦୮୪*

## ଏକ ବିଶ୍ୱାସ

*ପୂର୍ଣ୍ଣଚନ୍ଦ୍ର ବହଳୀ*



ଜୀବନ ମରଣ ସତ୍ୟ
ମୋକ୍ଷ ପ୍ରାପ୍ତିରେ ଇଛା
କିନ୍ତୁ ମୋହରେ ଲିପ୍ତ
ଅସତ୍ୟ ଇର୍ଷା ଧୋକା ରେ ବିରାଜିତ
ଅଦ୍ଭୁତ ଏ ଦୁନିଆ ଅଦ୍ଭୁତ ଏ ଖେଳ
ଅଦ୍ଭୁତ ଏ ଦୃଶ୍ୟ
ଜୀବନର ଏ ଯାତ୍ରା ବି ଅଦ୍ଭୁତ
ଏ ଯାତ୍ରାରେ କେହି ସାଥିରେ ନୁହେଁ
ତଥାପି ଏକ ବିଶ୍ୱାସ

*ସମ୍ପାଦକ, ଶିବାନୀ, ଭଦ୍ରକ*

## ମୋକ୍ଷ

*ଆଦ୍ୟାଶା ମହାପାତ୍ର*



ଲୋଭ ନଥିବ..ମୋହ ବି
ନଥିବ..ନଥିବ ମନରେ ଭ୍ରାନ୍ତି
ଗନ୍ତବ୍ୟ ପଥରେ ଜ୍ଞାତି
ନଥିବେ ଅବା ପ୍ରିୟତମ ସାଥୀ,
କୁତ୍ସା ଅଥବା ସଦିଚ୍ଛା
ଏବେଠୁ ଛୁଇଁବନି ଆଉ ମୋତେ
ଶେଷଯାତ୍ରା ମୋ ଉଦ୍ଦିଷ୍ଟ
ଶତତ ବିଧାତାର ଇଛା ମତେ ॥

ପ୍ରାପ୍ତି ନଥିବ....
ଅପ୍ରାପ୍ତି ନଥିବ.....
ନଥିବ କେହି ସଙ୍ଗତେ
ସମୟ ନିର୍ଘଣ୍ଟ ରହିଥିବ
ଧାର୍ଯ୍ୟ ଜନ୍ମ ଯେଣୁ ଏଇ ମର୍ତ୍ତ୍ୟେ,
ପ୍ରାଣବାୟୁ କେବେ ହୃତ ହୋଇବ ତିଳେ
ହେଲେ ଚ଼ିନ୍ତା ନାହିଁ
ଆତ୍ମା ଖୋଜେ ଏବେ ପରମାତ୍ମା
ଭେଟ ନନ୍ଦ୍ୟ ନିର୍ବାଣ ପାଇଁ ॥

ପ୍ରବୃତ୍ତି.. ଅଥବା ପ୍ରଭୁତ୍ୱ..
ଉର୍ଦ୍ଧ୍ୱରେ ଥିବ ମୋର ଚ଼ିତ୍ତବୃତ୍ତି
ଚ଼ିର ଇପ୍ସିତ ମୋ ଆରାଧ
ଆସିବେ ଧରି ଦିବ୍ୟ ନୀଳକାନ୍ତି
ଶୁଭିବ ମୋତେ ସେ ପ୍ରୀତିମୟ
ସ୍ୱର ପ୍ରଣବ ଓଁକାର ମନ୍ତ୍ର
ଚ଼ିର ନିଦ୍ରାରେ ଶୋଇଯିବି କ୍ଷଣେ
ମୋକ୍ଷ ହୋଇବି ପ୍ରାପ୍ତ ॥

ଶବ୍ଦ ନଥିବ....
ଆଲୋକ ନଥିବ.....ନଥିବ
କାହାର ଛାଇ
ମାଟି ପିଣ୍ଡ ମୋର ପଞ୍ଚଭୂତ
ଦେହେ ଅଚିରେ ମିଶିବ ଯାଇ ॥

*ନୂଆପଡା, କଟକ*

## ବାଞ୍ଛିତ ବାତ୍ୟା



ରତ୍ନକାନ୍ତି ମିଶ୍ର

ବାହାରକୁ ବୁଲିଯିବା ପାଇଁ ମାସେ ପୂର୍ବରୁ ଛୁଟି ଆବେଦନ କରିଥିଲେ ଭାସ୍କର ବାବୁ ।ଆଜି ଛୁଟି ମଞ୍ଜୁର ହେଲା ।ଟିକେଟ ବ୍ୟବସ୍ଥା ଏବଂ ଯିବା ଆସିବାର ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ସେ ।

ଅଫିସରୁ ଘରକୁ ଆସି ବୀଣାଙ୍କୁ ଖୁସି ଖବର ଦେବା ପୂର୍ବରୁ ଅଚ଼ାନକ ଖବର ଆସିଲା ମାଡି ଆସୁଛି ଭୟଙ୍କର ବାତ୍ୟା। ବାତ୍ୟାର ପ୍ରଭାବ ଭୀଷଣ କ୍ଷୟକ୍ଷତି ଘଟେଇବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଶେଷଜ୍ଞ ମାନେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଘଣ୍ଟା ପ୍ରତି ପବନର ବେଗ ଶହେ ପଚ଼ାଶ କିମ୍ବା ତଦୁର୍ଦ୍ଧ୍ୱ ରହିବ ଏବଂ ଭୀଷଣ ବର୍ଷା ହେବ ବୋଲି ସୂଚ଼ନା ମିଳିବା ପରେ ସରକାରଙ୍କ ସହିତ ସାଧାରଣ ଲୋକ ମଧ୍ୟ ଆତଙ୍କିତ ହୋଇ ପଡିଲେଣି ।

ହଠାତ୍ ଉପରୁ ନିର୍ଦ୍ଦେଶ ଆସିଲା ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ୍ କରାଯାଇଛି କ୍ଷ ସମସ୍ତେ ବାତ୍ୟା ପ୍ରପୀଡ଼ିତ ଅଞ୍ଚଳ ଗସ୍ତ ଏବଂ ବାତ୍ୟା ପରବର୍ତ୍ତୀ ପରିସ୍ଥିତି ସହ ମୁକାବିଲା କରିବା ପାଇଁ ଅଫିସ୍ ରେ ଉପସ୍ଥିତ ରହିବେ। ସମୀକ୍ଷା ବୈଠକରେ ଯାହାକୁ ଯାହା ଦାୟିତ୍ୱ ଦିଆଯାଇଛି, ସେ ପ୍ରସ୍ତୁତ ରହିବେ। ଉପକୂଳବର୍ତ୍ତୀ ଲୋକ ମାନଙ୍କୁ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି ରହିବ,ଇତ୍ୟାଦି ଇତ୍ୟାଦି... ! ଏ ଖବର ଶୁଣି ଭାସ୍କର ବାବୁଙ୍କ ମୁହଁ ଶୁଖିଗଲା।

ଛୁଟି ବାତିଲ୍ ହେବା କଥା ଜାଣି ଆଶାନୁଯାୟୀ ରାଗରେ ଅଗ୍ନିଶର୍ମା ହେଲେ ଶ୍ରୀମତୀ। ସପରିବାର ଶାଳକଙ୍କ ପରିବାର ସହିତ ବୁଲି ଯିବାର ଯୋଜନା ପଣ୍ଡ ହୋଇଗଲା। ପିଲାମାନେ ମୁହଁ ଶୁଖେଇ ଦେଲେ। ବୀଣା ରୁକ୍ଷ ଗଳାରେ କହିଲେ,- ଏତେ ସବୁ ଆୟୋଜନ ଫସର ଫାଟିଗଲା। ଗଲାବର୍ଷ ଭଉଣୀ ବାହାଘର ଆଳ ଦେଖାଇ କହିଲ ଏ ବର୍ଷ ଯିବା ପାଇଁ। ପୁଣି ଏ ବର୍ଷ ଏ କଥା। ମୋ ଭାଗ୍ୟରେ ଖୁସି ଟିକିଏ ନାହିଁ।'

ଭାସ୍କର ବାବୁ ଏଥର ଅତି ନରମ ଗଳାରେ ଶ୍ରୀମତୀ ଙ୍କୁ ବୁଝେଇଲେ-' ଶୁଣ ଏଇଥର ପିଲାଙ୍କୁ ନେଇ ତୁମେ ତୁମ ଭାଇ ଭାଉଜଙ୍କ ସହିତ ଦକ୍ଷିଣ ଭାରତ ବୁଲିଆସ ।ଆମେ ପରେ କେବେ ମିଶି କୁଆଡେ ଯାଇ ବୁଲିଆସିବା !'

ବୀଣା ଆଉ କ'ଣ କହି ଆସୁଥିଲେ ତ ଭାସ୍କର ବାବୁ ତାଙ୍କୁ ଇଙ୍ଗିତରେ ଚୁପ୍ ରହିବାକୁ କହିଲେ।

' ଶୁଣ, ବହୁତ ଦିନ ହେଲା ତୁମେ ଗୋଟିଏ ନୂଆ ସୁନାହାର ପାଇଁ ମୋତେ କହୁଥିଲ ନା ! ମୋତେ ସେ ଯେଉଁ କଣ୍ଟ୍ରାଟର ଦିଲ୍ଲୀପ ବିଶ୍ୱାଳ, ଆଡଭାନସ୍ ଦୁଇ ଲକ୍ଷ ଟଙ୍କା ଦେଇ ଯାଇଛି। ବାକି କଥା ପରେ ।ରିଲିଫ ପାଇଁ ସେ ସବୁ ଜିନିଷ ପଠେଇବ ଏଥର ବୋଲି ମୁଁ ତାକୁ ପ୍ରତିଶ୍ରୁତି ଦେଇଛି। ସେ ଦାୟିତ୍ୱରେ ମୁଁ ଅଛି ।ଚ଼ାଲ ଯାଇ ନେଇ ଆସିବା ତମ ପସନ୍ଦର ଗୋଟିଏ ହାର କିମ୍ବା ଆଉ କିଛି। ଏସବୁ କଥା କାହାକୁ କହିବିନି, ପିଲା ଦୁହିଁଙ୍କୁ ବି ନୁହେଁ।'

ଭାସ୍କର ବାବୁଙ୍କ କଥାଶୁଣି ଜଳୁଥିଲା ଚୂଲି ରେ ପାଣି ପଡିଲା ଭଳି ଶ୍ରୀମତୀଙ୍କ ରାଗ ଥଣ୍ଡା ପଡିଗଲା । ସୋହାଗରେ କହିଲେ

-' ତୁମେ ତ ଯିବନି। ମୁଁ ନଗଲେ ଭାଇ ଭାଉଜ ମନଦୁଃଖ କରିବେ ।ଏଇ ଥରକ ମୁଁ ତୁମ ବିନା ଯାଇ ବୁଲି ଆସୁଛି ।ହେଲେ ଆମେ ଦୁହେଁ କେବେ ଯାଇ ବୁଲି ଆସିବା ଆଉ କେଉଁଠୁ।'

( ୨ )

-'ଶୁଣ ମନ୍ଦିରକୁ ଯାଉଛ କି ? ଏଇ ନିଅ ପାଞ୍ଚ ଶହ ଟଙ୍କା ।ଭୋଗ ଲଗେଇ ଦେବ ଠାକୁରଙ୍କ ପାଖରେ ।ଆଉ କିଛି ଟଙ୍କା ଦୁଃଖୀରଙ୍କି ଙ୍କୁ ବାଣ୍ଟି ଦେବ। ସେମାନେ ସିନା ଭଲ ମନାସିଲେ ଆମର ମଙ୍ଗଳ ହେବ।'

ସ୍ୱାମୀ ଦିଲ୍ଲୀପ ବାବୁ କଣ୍ଟ୍ରାକ୍ଟର। କେବେ ତ ଠାକୁରଙ୍କ ପୂଜା ଅର୍ଚ୍ଚନା ପାଇଁ ତାଙ୍କର ଏମିତି ମନ ହୁଏନା। ଆଜି ହଠାତ୍ ଏସବୁ କ'ଣ ପାଇଁ ? ତୁଳିକା ମନେ ମନେ ଭାବିହେଲେ ସିନା ଘଟଣାର କୂଳ କିନାରା ପାଉ ନଥିଲେ।

ସୋମବାର ଦିନ ଏମିତି ଶିବ ମନ୍ଦିରରେ ବହୁତ ଭିଡ଼ ।ତରତର ହୋଇ ତୁଳିକା ମନ୍ଦିର ଯାଇ ଆସିଲେ।

-' ଜାଣିଛ ତ ବାତ୍ୟା କଥା। ଆଗଥର ଭଳି ଦିଗ ବଦଳେଇ ଏଥର ମୁହଁ ମୋଡି ଚ଼ାଲିଯିବନି ଏ ' ଦାନା' ।'ଦାନା' ଆସୁଛି ଆମ ମୁହଁରେ ଦାନା ଦେବାକୁ ଆଉ କେତେ ଲୋକଙ୍କ ମୁହଁରେ ଦାନା ଦେବାକୁ। କହିବାକୁ ଗଲେ ଅଫିସର ଠାରୁ ଆରମ୍ଭ କରି ଚ଼ପରାଶି, ନେତାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ଙ୍କ ମୁହଁରେ ଦାନା ଦେବ ଇଏ। ପାଣିପାଗ କାର୍ଯ୍ୟାଳୟରୁ ସେଇମିତି ଖବର ଆସୁଛି। ସରକାର ପୁରା ଜାଗତିଆର ରହିବେ। ଏଇତ ମଉକା।

ଆଗ ସରକାରଙ୍କ ଅମଳରେ ଭଲ ବାତ୍ୟା ପରିଚ଼ାଳନା ପାଇଁ ପୁରସ୍କାର ମିଳିଥିଲା। ଏଥର ଯଦି କିଛି ଗୋଳମାଳ ହୁଏ ବଡ଼ ଅସୁବିଧା ହେବ। ତେଣୁ ସରକାର ତହବିଲ ରୁ ଭଲରକମ ଅର୍ଥ ମଞ୍ଜୁର ହେବ। ବାହାରୁ ବି ସହାୟତାର ସୁଅ ଛୁଟିବ ।ଲୋକଙ୍କ ପାଖରେ ଯେତିକି ସାହାଯ୍ୟ ପହଞ୍ଚିବ ବାଟମାରଣା ହେବ ତତୋଧିକ।'

ପତ୍ନୀ ଙ୍କୁ ଏତେ ଗୁଡିଏ ରୋଚ଼କ ଖବର ଦେଇ ହେଁ ହେଁ ହୋଇ ହସିଲେ ଦିଲ୍ଲୀପ ବାବୁ।

-' ହେଲେ ତୁମେ କେମିତି ପାଇବ ବାଟମାରଣା ଟଙ୍କା। ? ତୀର୍ଯ୍ୟକ ହସି ପଚ଼ାରିଲେ ତୁଳିକା।

' ଅଫିସର ଭାସ୍କର ବାବୁଙ୍କୁ ଦେଇଛି ଆଡଭାନସ ଟଙ୍କା..! ତାଙ୍କର ଦୁଇ ତ ମୋର କୋଡ଼ିଏ।' ମୃଦୁ ହସି କହିଲେ ଦିଲ୍ଲୀପ ବାବୁ।

-' ହେଲେ ' ଦାନା' ର ଗତିପଥ ଯଦି ବଦଳିଯାଏ କିମ୍ବା ସେମିତି କିଛି କ୍ଷୟକ୍ଷତି ନକରେ... ???'

-' ସେଇଥିପାଇଁ ତ ତୁମ ହାତରେ ଠାକୁରଙ୍କୁ ଲାଞ୍ଚ ଦେଇଥିଲି ଆଜି ସକାଳେ ଏତେ ଗୁଡିଏ ଟଙ୍କା..! ଠାକୁରଙ୍କୁ ଡାକ ଯେମିତି ସେ ଆମ ମନସ୍କାମନା ପୂରଣ କରିବେ ...!' ତୁଳିକା ଅଳ୍ପ ହସି ଚ଼ାହିଁଥିଲେ କରିତକର୍ମା ସ୍ୱାମୀଙ୍କ ମୁହଁକୁ।

ଆଳି, କେନ୍ଦ୍ରାପଡା




# ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର 'ପ୍ରେରଣା ଦିବସ' ସମାରୋହ ଅନୁଷ୍ଠିତ



ବାଲେଶ୍ୱର (ପିଏନ୍): ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର 'ପ୍ରେରଣା ଦିବସ' ସମାରୋହ ଗତ ରବିବାର ଦିନ ପୂର୍ବାହ୍ନରେ ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଭାଗୃହରେ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟିର ଅବଦାନ ଇତିହାସ ହୋଇ ରହିବ ବୋଲି ମତ ଦେଇଥିଲେ। ଭୁବନେଶ୍ୱରରେ ଗଣଧାରଣା, ବାଲେଶ୍ୱରରେ ବରିଷ୍ଠ ସଦସ୍ୟଙ୍କ ୭ଦିନ ବ୍ୟାପୀ ଆମରଣ ଅନଶନ, ଭୁବନେଶ୍ୱରରୁ ଫେରୁଥିବା ଗଣଧାରଣାକାରୀଙ୍କ ବସ୍ ଦୁର୍ଘଟଣାରେ ଆହତମାନଙ୍କ ତ୍ୟାଗକୁ ବାଲେଶ୍ୱରବାସୀ କେବେ ଭୁଲିପାରିବେ ନାହିଁ। ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପରେବି ଜିଲ୍ଲାବାସୀଙ୍କୁ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଥିବା ସମସ୍ତ ସମସ୍ୟାର ସମାଧାନ ପାଇଁ ଲଗାତର ଉଦ୍ୟମ ଜାରିରଖିବା ଏକ ବିରଳ ଦୃଷ୍ଟାନ୍ତ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ମତ ପ୍ରଦାନ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ବରିଷ୍ଠ ଉପଦେଷ୍ଟା ଶମ୍ଭୁନାଥ ମହାନ୍ତି, ପ୍ରଫେସର ଅନନ୍ତ ପ୍ରଧାନ, ଭଗବାନ ଚନ୍ଦ୍ର ରାଉତ, ଦିଲ୍ଲୀ କମିଟିର ସଭାପତି ପ୍ରଫେସର ଅଜୟ ପଟ୍ଟନାୟକଙ୍କ ସମେତ ସନ୍ୟାସୀ ବେହେରା ଓ ସରସ୍ୱତୀ ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଅତୀତର ବହୁ ଗୌରବମୟ ଆନ୍ଦୋଳନର ତ୍ୟାଗ ଏବେବି ନୂତନ ସଦସ୍ୟ ସଦସ୍ୟାମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି ମତପ୍ରକାଶ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ପ୍ରେରଣା ଦିବସର ତାତ୍ପର୍ଯ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେଇ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନଙ୍କ ସହ ଏକ ଆଲୋଚନା ତୁରନ୍ତ କରାଇବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ସାଧାରଣ ସଂପାଦକ ଇଂ. ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଶତାଧିକ ସଦସ୍ୟ ସଦସ୍ୟା ଏହି ସଭାରେ ଉପସ୍ଥିତ ଥିଲେ।

## ଶ୍ରୀ ବିରଜା ସେବା ସମିତିର ମା' ବିରଜାଙ୍କ ପାର୍ବଣ ଉପଲକ୍ଷେ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ

ଯାଜପୁର (ପିଏନ୍): ବିରଜା ସେବାସମିତିର ପାର୍ବଣ ଉପଲକ୍ଷେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପାଣ୍ଡବ ଚରଣ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ସଙ୍ଗେ ସଙ୍ଗେ ମା'ଙ୍କ ରଥ ଯାତ୍ରା ଉତ୍ସବରେ ପୂର୍ବ ପ୍ରଚଳିତ ନୀତି ନିୟମ ଅନୁସାରେ ସେ ସମସ୍ତ କାର୍ଯ୍ୟ କରାଯିବା ପାଇଁ ସୂଚନା ପ୍ରଦାନ କରିଥିଲେ। ରଥଯାତ୍ରା ଧାରାବିବରଣୀ ପାଇଁ ପଣ୍ଡିତ ବିଦ୍ୱାନ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବା, ଭଜନ କାର୍ଯ୍ୟକ୍ରମ ଲାଗି ସଂଗୀତକାରମାନଙ୍କ ସହିତ ଯୋଗାଯୋଗ କରିବା ଟେଷ୍ଟ ହାଉସ୍ ବରାଦି ଦେବା, କାନିକା ପ୍ରସ୍ତୁତି କରିବା ଲାଗି ବୈଠକରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ସଂସ୍କୃତି ବିଭାଗକୁ ଅର୍ଥ ପ୍ରଦାନ କରାଯିବା ପାଇଁ ଚିଠି କରାଯିବାକୁ ସ୍ଥିର କରାଗଲା। ବିରଜା ସେବା ସମିତିର ବୈଠକ ଲାଗି ମନ୍ଦିର ପରିସରରେ ଏକ ଗୃହ ପ୍ରଦାନ କରିବା ଲାଗି ଜିଲ୍ଲାପାଳଙ୍କୁ ଲିଖିତ ନିବେଦନ କରାଯିବାକୁ ସ୍ଥିର କରାଗଲା। ବ୍ୟାଙ୍କ ଓ କ୍ୟାସ୍ ବୁକ୍ କାର୍ଯ୍ୟ ଠିକ୍‌ଠାକ୍ କରିବାକୁ ଉପସଭାପତି ପ୍ରମୋଦ ଦ୍ୱିବେଦୀ, ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ ଓ ହରିହର ବେହେରାଙ୍କୁ ଅନୁରୋଧ କରାଗଲା। ଉକ୍ତ ବୈଠକରେ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବନବିହାରୀ ମହାପାତ୍ର, ଶରତ ଚନ୍ଦ୍ର ମହାରଣା, ବୃନ୍ଦାବନ ମିଶ୍ର, ବସନ୍ତ କୁମାର ଦାସ, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ମହେନ୍ଦ୍ର କୁମାର ଦାସ, ବ୍ରଜ କିଶୋର ମହାନ୍ତି, ରବି ଶତପଥୀ, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରବୋଧ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ କ୍ଷୀରୋଦ ଚନ୍ଦ୍ର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ବୈଠକ

ବାଲେଶ୍ୱର (ପିଏନ୍)-ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୬ ମାସ ଧରି କମିଟି ପକ୍ଷରୁ ବୈଠକ କରାଯାଇ ଏହାକୁ କିପରି ବ୍ୟାପକ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। କୃଷି ବୈଜ୍ଞାନିକ ଡ. କେଶବ ଚରଣ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅନନ୍ତ କୁମାର ଦତ୍ତ ଅଧ୍ୟକ୍ଷତା କରିଥିଲେ। ଡ. କେଶବ ଚରଣ ପଣ୍ଡା ଏହି ଅନୁଷ୍ଠାନର ୬ ମାସ କାର୍ଯ୍ୟ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ସମର୍ଥନ ଜଣାଇଥିବା ପ୍ରକାଶ କରିଥିଲେ। ବିଭିନ୍ନ ବ୍ଲକ ସହିତ ବାଲେଶ୍ୱର ସହରରେ ଥିବା ପ୍ରାୟ ୧୦ଟି ସାମାଜିକ ସଂଗଠନ ମଧ୍ୟ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, କୃଷି ବିଭାଗ, ସଚିବ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଅଧିକରୁ ଅଧିକ ଜନସମର୍ଥନ ପାଇଁ ଆସନ୍ତା ଦୁର୍ଗା ପୂଜାରେ ଜିଲ୍ଲା ସମେତ ପୂଜା ମଣ୍ଡପ ନିକଟରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ବଳିତ ବ୍ୟାନର ଲଗାଇବାକୁ ପୂଜା କମିଟିମାନଙ୍କୁ ଅନୁରୋଧ କରିବା ଏବଂ ପ୍ରଚାର ପତ୍ର ମାଧ୍ୟମରେ ବ୍ୟାପକ ସମର୍ଥନ ପାଇଁ ଉଦ୍ୟମ କରାଯିବାକୁ ନିଷ୍ପତ୍ତି କରାଯାଇଥଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିନନ୍ଦନ ପତ୍ର ଏହି ଦାବି ସମ୍ପର୍କରେ ଅବଗତ କରାଇବା ଓଡ଼ିଶା କୃଷି ବିଦ୍ୟାଳୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଅବଗତ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ସାଙ୍ଗକୁ କୃଷକ ଓ କୃଷିର ବିକାଶ କ୍ଷେତ୍ରରେ ବେଶ ସହାୟକ ହେବ ବୋଲି ବୈଠକରେ ମତ ପ୍ରକାଶ କରିଥିଲେ। ଏଥିରେ ଅଭୟ ଚନ୍ଦ୍ର ମିଶ୍ର, ରବିନାରାୟଣ ଭୋଳ, ଅପର୍ଣ୍ଣା ମହାପାତ୍ର, ପ୍ରବୋଧ କୁମାର ପାତ୍ର, ଭୂପତି କୁମାର ପାତ୍ର, ପ୍ରଫୁଲ୍ଲ କୁମାର ଦାସ, ଅନନ୍ତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବି କୁମାର ପାଣିଗ୍ରାହୀ ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାସ୍କର ଚନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ।

## ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ପାରାଦୀପ (ପିଏନ୍)- ପାରାଦୀପ ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାରାଦୀପ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପାରାଦୀପ ମହାବିଦ୍ୟାଳୟ ନାଭାଲ ଏନ୍.ସି.ସି. ସହଯୋଗରେ ଆୟୋଜିତ ଏହି ଶିବିରକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀଙ୍କ ସମେତ ଅନ୍ୟ ସମ୍ମାନନୀୟ ଅତିଥିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି ଶିବିରକୁ ମନସା ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ରକ୍ତଦାନ ଶିବିର ଏକ ମହାନ୍ କାର୍ଯ୍ୟ, ଏଭଳି କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିବା ସହ ରକ୍ତଦାତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପବିତ୍ର ରାଧାଷ୍ଟମୀ ଅବସରରେ ପୁରୁଷମାନଙ୍କ ସହିତ ସମାନଭାବେ ମହିଳାମାନେ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିବାରୁ ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ, କାରଣ ସେମାନଙ୍କଠାରୁ ଅନ୍ୟମାନେ ରକ୍ତଦାନ ପାଇଁ ଶିକ୍ଷାଲାଭ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ।

# ଭାରତ ଯୋଡ କାର୍ଯ୍ୟକ୍ରମ ଅବସରରେ ରାଉରକେଲାରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ପଦଯାତ୍ରା ଅନୁଷ୍ଠିତ

ରାଉରକେଲା (ପିଏନ୍): ସେପ୍ଟେମ୍ବର ୭ ତାରିଖ ଠାରୁ କଂଗ୍ରେସର ଭାରତ ଯୋଡ ଯାତ୍ରା କନ୍ୟାକୁମାରୀଠାରୁ ଆରମ୍ଭ ହୋଇଛି। ଏହି ଭାରତ ଯୋଡ ଯାତ୍ରା ଆମର ପ୍ରିୟନେତା ରାହୁଳ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇ କାଶ୍ମୀର ପର୍ଯ୍ୟନ୍ତ ପ୍ରାୟ ୩ ହଜାର ୫୭୧ କିଲୋମିଟର ଅତିକ୍ରମ କରିବ। ଏହି କାର୍ଯ୍ୟକ୍ରମକୁ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ନିର୍ଦ୍ଦେଶ ଅନୁଯାୟୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଜିଲ୍ଲା ସ୍ତରରେ ପାଳନ କରିବ। ଏହି ପରିପ୍ରେକ୍ଷୀରେ ବାସନ୍ତୀ ନଗର ବାଜିରାଉତ ଛକଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହିତ ଭାରତ ଯୋଡ କାର୍ଯ୍ୟକ୍ରମର ଶୁଭାରମ୍ଭକୁ ବଡପରଦା ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ସେପ୍ଟେମ୍ବର ୮ ତାରିଖ ଦିନ ସକାଳ ୮ଟାରୁ ରାହୁଲଜୀଙ୍କ ଭାରତ ଯୋଡ ପଦଯାତ୍ରାକୁ ସ୍ୱାଗତ କରି ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ସ୍ଥାନୀୟ ବାସନ୍ତୀ ଡିଏଭି ଛକଠାରୁ ଏକ ପଦଯାତ୍ରାରେ ବାହାରି ଜେଲ୍ ରୋଡ୍, ଆଇଟିଆଇ, ଖରିଆବାହାଲ, କୋଏଲବ୍ୟାଙ୍କ, ରିଜର୍ଭ ପୋଲିସ୍ କଲୋନୀ, ଗଙ୍ଗାଧରପାଲ୍ଲୀ, ଏଫ୍‌ସିଆଇ ମଧ୍ୟଦେଇ ପୁନଶ୍ଚ ଡିଏଭି ଛକଠାରେ ସମ୍ପନ୍ନ ହୋଇଛି। ଏହି ଉଭୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗତ ୬ ତାରିଖରେ ଜିଲ୍ଲା କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ପିସିସି ସଦସ୍ୟା ପ୍ରଭାତୀ ମିଶ୍ର, ଓବସି ସେଲ୍‌ର ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ଚନ୍ଦ୍ର ସାହୁ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ବ୍ଲକ୍ ସଭାପତି ରଘୁନାଥ ଦାସ ଓ ଯୁବନେତା ସାକିର ହୁସେନ ପ୍ରମୁଖ ବକ୍ତବ୍ୟ ରଖି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ଉପାଦେୟ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟତମ ସାଧାରଣ ସମ୍ପାଦକ ଏମ୍‌ଡି ନଜମୁଦ୍ଦିନ, ତୁଳସୀ ନାଗ, ବ୍ଲକ୍ ସଭାପତି ଧୁସା ନାୟକ, ସୁନୀଲ ପଟ୍ଟନାୟକ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ ଓ ସରସ୍ୱତି ଭୂମିଜ, କାର୍ଯ୍ୟନିର୍ବାହୀ ଲୋକନାଥ ଭୂମିଜ, ସୁଧୀର ନାଥ, ବିଶ୍ୱଜିତ ସାହୁ, ପ୍ରଭାକର ଭୋଳ, ବିଦ୍ୟାଧର ସିଂହ, ଭାସ୍କର ଖିଲ୍ଲାର, ସଦସ୍ୟ ଦିଲ୍ଲୀପ ଜେନା, ରୁକସାନା ବେଗମ, ସେବାଦଳର ବୁଲୁ ଦାସ, ଚକ୍ରଧର ବିଶ୍ୱାଳ, ବାବୁ ଖାନ, ରେହେମାନ ଖାନ, ସୋନୁ ସାହୁ, ଝୁନୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ପ୍ରଚଳିତ କୃଷି ଇନପୁଟ୍ ସହାୟତାର ଦୁଇଗୁଣା ବୃଦ୍ଧି ଦାବୀରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷଙ୍କ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର

ଭୁବନେଶ୍ୱର (ପିଏନ୍)- ଚାଷୀ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବ୍ୟାପକ ଫସଲ କ୍ଷତିର ସମ୍ମୁଖୀନ ହୋଇଥାଏ। ଏହି କ୍ଷତିର ଭରଣା ପାଇଁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ କୃଷି ଇନପୁଟ୍ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଯେଉଁ ସହାୟତା କି ଆଜିର ଚାଷରେ ଖର୍ଚ୍ଚର କ୍ଷତି ଭରଣାରେ ସହାୟକ ହେଉନାହିଁ। କାରଣ ଧାନରେ ପ୍ରତି ହେକ୍ଟର ପିଛା ପ୍ରାୟ ୬୦ ହଜାର ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ୧୩ହଜାର ୫୦୦ ଓ ଅଣ ଜଳସେଚିତ ଅଞ୍ଚଳ ପାଇଁ ୬ ହଜାର ୮୦୦ ଏବଂ ସର୍ବନିମ୍ନ ସହାୟତା ୨ ହଜାର ଟଙ୍କା ଦେବା ପାଇଁ ଯେଉଁ ବ୍ୟବସ୍ଥା ରଖିଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ। ପ୍ରଚଳିତ ବ୍ୟବସ୍ଥାରେ ଥିବା ସହାୟତା ରାଶିକୁ ଅତ୍ୟନ୍ତ ପକ୍ଷେ ଦୁଇଗୁଣା ବୃଦ୍ଧି କରାଯିବା ଜରୁରୀ। ନିକଟରେ ଅତିଶୟ ବର୍ଷା ଓ ବନ୍ୟାରେ ରାଜ୍ୟର ୧୦ଟି ଜିଲ୍ଲାରେ ଲକ୍ଷ ଲକ୍ଷ ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇ ଯାଇଛି। ଅଦ୍ୟାବଧି ସରକାରଙ୍କ ପକ୍ଷରୁ କ୍ଷୟ କ୍ଷତିର ସଠିକ୍ ଆକଳନ କରାଯାଇ ନାହିଁ କିମ୍ବା ଦୁସ୍ଥିତିରେ ଥିବା ଚାଷୀଙ୍କୁ କୃଷି ଇନପୁଟ୍ ସହାୟତା ଯୋଗାଇ ଦିଆଯାଇ ନାହିଁ। ତେଣୁ ପ୍ରଚଳିତ କୃଷି ଇନପୁଟ୍ ସହାୟତାର ପରିମାଣକୁ ସଂଶୋଧନ କରାଯାଇ ଅତ୍ୟନ୍ତ ପକ୍ଷେ ଏହାର ଦୁଇଗୁଣା ବୃଦ୍ଧି ଅର୍ଥାତ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୨୭ହଜାର ଟଙ୍କା ଓ ଅଣ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୧୩ହଜରା ୬ଶହ ଟଙ୍କା ଓ ସର୍ବନିମ୍ନ ଭାବେ ଚାଷୀଙ୍କୁ ଯଥାକ୍ରମେ ୬ହଜାର ଓ ୪ ହଜାର ଟଙ୍କା କୃଷି ଇନପୁଟ୍ ସହାୟତା ଯୋଗାଇ ଦେବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟାନାୟକ ଗତ ସେପ୍ଟେମ୍ବର ୬ ତାରିଖ ଦିନ ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଓ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀଙ୍କ ନିକଟକୁ ପୃଥକ ପୃଥକ ଭାବେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏଥି ପୂର୍ବରୁ ଗତ ୧ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ କିଷାନ କଂଗ୍ରେସ ପକ୍ଷରୁ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଏଆଇସିସି ଓବିସି ସେଲ୍‌ର ରାଷ୍ଟ୍ରୀୟ ସହସଂଯୋଜକଙ୍କୁ ଜିଲ୍ଲା କଂଗ୍ରେସର ସ୍ୱାଗତ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସର ମୁଖପାତ୍ର ତଥା ପ୍ରଦେଶ କଂଗ୍ରେସ ଓବିସି ସେଲ୍‌ର ଆବାହକ କୈଳାସ ଚନ୍ଦ୍ର ସାହୁଙ୍କୁ ଇତିମଧ୍ୟରେ ଅଖିଳ ଭାରତ କଂଗ୍ରେସ କମିଟିର ପଛୁଆ ବର୍ଗ (ଓବିସି) ବିଭାଗର ରାଷ୍ଟ୍ରୀୟ ସହସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଏହାକୁ ସ୍ୱାଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ ଏକ ସଂକ୍ଷିପ୍ତ ସ୍ୱାଗତ ସମାରୋହରେ ଶ୍ରୀ ସାହୁଙ୍କୁ ଜିଲ୍ଲା କଂଗ୍ରେସ ତରଫରୁ ହାର୍ଦ୍ଦିକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଶ୍ରୀ ସାହୁଙ୍କ ଭଳି ଜଣେ ନିଷ୍ଠାପର ତୃଣମୂଳସ୍ତରର କର୍ମୀଙ୍କୁ କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ, ଏଆଇସିସି ଓବିସି ସେଲ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ କ୍ୟାପଟେନ ଅଜୟ ସିଂହ ଯାଦବ ତଥା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଏପରି ଏକ ଗୁରୁଦାୟିତ୍ୱ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ପ୍ରଦାନ କରିଥିବାରୁ ସେମାନଙ୍କ ପ୍ରତି ଜିଲ୍ଲା କଂଗ୍ରେସ ନେତୃବୃନ୍ଦ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲା କଂଗ୍ରେସ ଅନ୍ତରୀଣ ସଭାପତି ଶ୍ରୀ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ବ୍ଲକ୍ ସଭାପତି ରଘୁନାଥ ଦାସ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ସାଧାରଣ ସମ୍ପାଦିକା ତୁଳସୀ ନାଗ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ ଓ ସରସ୍ୱତି ଭୂମିଜ ପ୍ରମୁଖ ବକ୍ତବ୍ୟ ରଖି ଶ୍ରୀ ସାହୁଙ୍କ ନିଯୁକ୍ତିକୁ ସ୍ୱାଗତ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଲୋକନାଥ ଭୂମିଜ, ସୁଧୀର ନାଥ, ବିଶ୍ୱଜିତ ସାହୁ, ପ୍ରଭାକର ଭୋଳ, ବିଦ୍ୟାଧର ସିଂହ ଉପସ୍ଥିତ ଥିଲେ। ଏଥିସହ ଶ୍ରୀ ସାହୁଙ୍କୁ ଝାଡଖଣ୍ଡର ସହପ୍ରଭାରୀ ଭାବେ ଉଲ୍ଲେଖନୀୟ କାର୍ଯ୍ୟକରି ରାଷ୍ଟ୍ରୀୟ ନେତୃବୃନ୍ଦଙ୍କ ବିଶ୍ୱାସ ଓ ଭରସାକୁ ମଜବୁତ କରିବେ ବୋଲି ଆଶା ପ୍ରକଟ କରିଥିଲେ। ଏହି ଅବସରରେ ଶ୍ରୀ ରାଜେଶ ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ୨୩ରେ ଜନକଲ୍ୟାଣ କ୍ଲବର ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର (ପିଏନ୍): ଆସନ୍ତା ସେପ୍ଟେମ୍ବର ୨୩ତାରିଖରେ ରାଜଧାନୀର ପୁରାତନ ତଥା ଅଗ୍ରଣୀ ସେବା ଅନୁଷ୍ଠାନ ଜନକଲ୍ୟାଣ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏନେଇ ପ୍ରସ୍ତୁତି ବୈଠକ ୟୁନିଟ୍ ୯ସ୍ଥିତ କ୍ଲବର ଜନକଲ୍ୟାଣ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ନଟବର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ଲବର ପୁରାତନ ସଭ୍ୟମାନଙ୍କ ସହ ଆଲୋଚନା କରାଯିବା ସହ ଅଧିକ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ମତ ନିଆଯାଇଥିଲା। କ୍ଲବର ମହାସଚିବ ରବିନ୍ଦ୍ର ମହାପାତ୍ର ୫୦ତମ ସ୍ୱନକ୍ଷତ୍ର ଉତ୍ସବ ସମ୍ପର୍କରେ ମତ ରଖିଥିଲେ। ଦୀର୍ଘବର୍ଷ ଧରି ରାଜଧାନୀରେ ସେବାମୂଳକ କାର୍ଯ୍ୟ ପାଇଁ ବହୁ ସମ୍ମାନ ଅର୍ଜନ କରିଛି ବୋଲି କହିଥିଲେ। ଏଥିରେ ଗୌରାଙ୍ଗ ନାୟକ, ରବିନ୍ଦ୍ର ପାଢ଼ୀ, ଉମେଶ ନାୟକ ଓ ବହୁ ସଭ୍ୟ ସାମିଲ ହୋଇଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରତିଯୋଗିତା

ବାଲେଶ୍ୱର (ପିଏନ୍)-ଓଡ଼ିଆ ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ନିର୍ଦ୍ଦେଶ କ୍ରମେ ଜୋନ୍ ସ୍ତରୀୟ କ୍ଷୁଦ୍ର ନାଟକ, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ସ୍କୁଲ ଲିଗାଲ ଲିଟେରାସି କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଜୋନ୍ ସ୍ତରୀୟ ରଚନା ପ୍ରତିଯୋଗିତାରେ ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ର ପ୍ରଦୋଷ କୁମାର ପଣ୍ଡା ପ୍ରଥମ, ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଶିଳ୍ପୀ ସମୃଦ୍ଧି ମଲ୍ଲିକ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହୁଲିଆ ମୟୂରଭଞ୍ଜ ର ଛାତ୍ର ଜୟନ୍ତ କୁମାର ଜେନା ତୃତୀୟ ସ୍ଥାନ ଅଧୀକାର କରିଥଲେ। ବକ୍ତୃତା ପ୍ରତିଯୋଗିତାରେ ଭଦ୍ରକ ଜବାହାର ନବୋଦୟ ବିଦ୍ୟାଳୟ ର ଜ୍ୟୋତିପ୍ରଭା ସାହୁ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହୁଲିଆ ମୟୁରଭଞ୍ଜର ଛାତ୍ର ଅଭିଜିତ୍ ଘୋଷ ଦ୍ୱିତୀୟ ଓ ରେମୁଣା ଉଚ୍ଚବିଦ୍ୟାଳୟର ଛାତ୍ରୀ ଇତିଶ୍ରୀ ଆଚାର୍ଯ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୋନ୍‌ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ନୟନା କୁମାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦୀପ୍ତିରାଣୀ ଘଡ଼ାଇ ପ୍ରଥମ, ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ପୋଇ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାରାଣୀ ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧୀକରଣର ଅଧ୍ୟକ୍ଷ ଭଗବାନ ପ୍ରଧାନ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ଥାୟୀ ଲୋକଅଦାଲତର ଅଧ୍ୟକ୍ଷ ଚିନ୍ତାମଣି ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଲଳିତା ମଞ୍ଜରୀ ପଟ୍ଟନାୟକ, ବରିଷ୍ଠ ଦେଓ୍ୱାନୀ ବିଚାରପତି କୃଷ୍ଣଚନ୍ଦ୍ର ନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରଞ୍ଜନ କୁମାର ପ୍ରଧାନ, ବାଲେଶ୍ୱର ଆର୍ଟ ଆଣ୍ଡ କଲ୍‌ଚରର ନିର୍ଦ୍ଦେଶିକା ମୀନା କୁମାରୀ ସାମଲ, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି। ସାହିତ୍ୟିକ ଅଞ୍ଜନ କୁମାର ଚାନ୍ଦ, ସତ୍ୟସାଇ ବିଦ୍ୟାଳୟର କଳା ଶିକ୍ଷକ ମଳୟ ସାହୁ ଜୁରି ସଦସ୍ୟ ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପ୍ରିୟରଞ୍ଜନ ଓଝା ପରିଚାଳନା କରିଥିବା ବେଳେ ପ୍ୟାନେଲ୍ ଆଡଭୋକେଟ୍ ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ମଞ୍ଚ ପରିଚାଳନା କରିଥିଲେ।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଗୁରୁଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ପାଳିତ ହୋଇଅଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ବାସଭବନରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପଦେଷ୍ଟା ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ଅନିଲ୍ କୁମାର ଜେନା ପ୍ରମୁଖ ପହଞ୍ଚି ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କୁ ଅନୁଷ୍ଠାନର ଗୁରୁଭାବେ ଗୁରୁପୂଜନ କରିଥିଲେ। ଏତଦ୍‌ବ୍ୟତୀତ ନାଟ୍ୟ ନିର୍ଦ୍ଦେଶକ ଅନିଲ କୁମାର ଜେନାଙ୍କୁ ନାଟ୍ୟ ଗୁରୁଭାବରେ ଅନୁଷ୍ଠାନ ପକ୍ଷରୁ ପୂଜା କରାଯାଇଥିଲା। ପଣ୍ଡିତ ମିଶ୍ର ସମସ୍ତଙ୍କୁ ଆଶୀର୍ବାଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ସମ୍ପାଦକ ଧନଞ୍ଜୟ ନାୟକ, କୋଷାଧ୍ୟକ୍ଷ ଧନଞ୍ଜୟ ପୃଷ୍ଟି, ସହ-ସମ୍ପାଦିକା ସ୍ୱାତି ପଣ୍ଡା, ଅଚ୍ୟୁତାନନ୍ଦ ସ୍ୱାଇଁ, ରଂଜନ କୁମାର ବେହେରା ଓ ଶିଶୁ କଣ୍ଠଶିଳ୍ପୀ ଦେବେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ଗୁରୁପୂଜନ କରିଥିଲେ। ସହ-ସମ୍ପାଦକ ସ୍ୱାତି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ଜଣେ ରାଜମିସ୍ତ୍ରୀଙ୍କ ମୃତ୍ୟୁ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଭୀମପୁରାଠାରେ ଏକ ପକ୍କାଘର କାମ ଚାଲିଥିବା ବେଳେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ହେଉଛନ୍ତି ଚିରଜ୍ ବିଶ୍ୱାଳ। ସୂଚନା ଅନୁସାରେ ଚିରଜ୍ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ସସ୍ମିତା ସେଠୀ ଦୁହେଁ ୮ ମାସ ତଳେ ଆସି ବାଲେଶ୍ୱରରେ ରହୁଥିଲେ। ଚିରଜ୍ ବିଶ୍ୱାଳ ଜଣେ ରାଜମିସ୍ତ୍ରୀ ଥିଲେ। ବାଲେଶ୍ୱର ଭୀମପୁରା ଅଞ୍ଚଳରେ ଏକ ୩ ମହଲା ବିଶିଷ୍ଟ ଘର କାମ କରୁଥିବା ବେଳେ ବଜ୍ରପାତରେ ସେ ଛାତ ତଳକୁ ଖସିପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସହିତ ଆଉ ତିନିଜଣ କାମ କରୁଥିଲେ। ସେମାନେ ଆହତ ହୋଇଥିବା ବେଳେ ଏବେ ସୁସ୍ଥ ଥିବାର ଜଣାପଡ଼ିଛି। ମୃତଦେହକୁ ବାଲେଶ୍ୱର ହସ୍ପିଟାଲ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ‘କାଗଜ ଗୁଡି’ର ଶୁଭମହୁରତ୍

ଭୁବନଶ୍ୱେର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର ‘ମନ ମୋର କାଗଜଗୁଡି’ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର
ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ) । ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଉର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଢିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ‘ବେଷ୍ଟ ଆଇଡିଆଜ୍’। ‘ମନ ମୋର କାଗଜ ଗୁଡି’ ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ରର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ
ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ ‘ମନ ମୋର କାଗଜ ଗୁଡି’ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ ‘ମନମୋର କାଗଜଗୁଡି’ ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼୍ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday November 03 | ଭୁବନେଶ୍ୱର ରବିବାର, ନଭେମ୍ବର ୦୩,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

## ସାହିତ୍ୟ ପତ୍ରିକା ଜିଗୀଷା ସମ୍ମାନ ଉତ୍ସବ ଅନୁଷ୍ଠିତ





ଭୁବନେଶ୍ୱର,୨।୧୧(ପି.ଏନ): ସାହିତ୍ୟ ପତ୍ରିକା ଜିଗୀଷା ପକ୍ଷରୁ ଆୟୋଜିତ ସାହିତ୍ୟ ସମ୍ମାନ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଅଛି । ଏହି ଉତ୍ସବରେ ଲେଖକ ପଦ୍ମନାଭ ଦାସଙ୍କ ପୁସ୍ତକ ଲେଖୁ ଲେଖୁ ଲେଖିଥିଲି ଉନ୍ମୋଚିତ ହୋଇଅଛି। ଉତ୍ସବର ମୁଖ୍ୟଅତିଥି ଡକ୍ଟର ଅର୍ଚ୍ଚନା ନାୟକ, ବରେଣ୍ୟ ଅତିଥି ପ□ାନନ କାନୁନ୍‌ଗୋ ମୁଖ୍ୟବକ୍ତା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ସମ୍ମାନନୀୟ ଅତିଥି କ୍ଷୀରୋଦ ଦାସ ପ୍ରମୁଖ ଯୋଗ ଦେଇ ଓଡ଼ିଆ ସାହିତ୍ୟ ଓ ପତ୍ରିକା ଉପରେ ଆଲୋକପାତ କରିଥିଲେ। ଡକ୍ଟର ସଂଘମିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଉକ୍ତ ଉତ୍ସବରେ ସଂସ୍କୃତି ପ୍ରେମୀ ମୂରଲିଧର ରଥ, ପ୍ରାବନ୍ଧିକ ଡକ୍ଟର ରମାକାନ୍ତ ରାଉତ , କବି ଅକ୍ଷୟ ବେହେରା, କବି ଗୌତମ ଜେନା, କବି ରକ୍ଷକ ନାୟକ, ଅଳକା ମହାନ୍ତି, ଜ୍ଞାନରଞ୍ଜ ମହାନ୍ତି, କଥାକାର ଆର୍ଯ୍ୟ ଜଜ୍ଜଦ□ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସାରସ୍ୱତ ସାଧକ କବି ଦୁର୍ଗା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ପାରାଦୀପ,(ପି.ଏନ): ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀକୁ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତ ବର୍ଷ ସର୍ଦ୍ଦାର ପଟେଲଙ୍କ ୧୪୮ତମ ଜନ୍ମ ବାର୍ଷିକୀ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଗୁରୁବାର ଦିନ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି କ୍ଷ ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫୋଟଚ଼ିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ପୁଷ୍ପମାଲ୍ୟ ପ୍ରଦାନ କରି ସର୍ଦ୍ଦାର ପଟେଲଙ୍କ ସ୍ମୃତିଚ଼ାରଣ କରିଥିଲେ । ଏହା ପରେ ପାରାଦୀପ ବନ୍ଦରାଧକ୍ଷ ଓ ଅଧିକାରୀ ମାନେ ବିଡ଼ିଓ କନଫରେନସିଂ ମାଧ୍ୟମରେ କେନ୍ଦ୍ର ବନ୍ଦର,ଜାହାଜ ଏବଂ ଜଳପଥ ମନ୍ତ୍ରାଳୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ରାଷ୍ଟ୍ରିୟ ଏକତା ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।






## ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର (ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କର ଶ୍ରାଦ୍ଧ ବାର୍ଷିକୀ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ଭବନ ପରିସରରେ କଂଗ୍ରେସ ନେତୃବୃନ୍ଦ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ କଂଗ୍ରେସ ନେତାଗଣ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ମହମ୍ମଦ ମୋକିମ, ଅନ' ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଜୟରାମ ପାଙ୍ଗୀ, ସମୀର କୁମାର ରାଉତରାୟ, ଚିନ୍ମୟ ପ୍ରସାଦ ବେଉରା, କିଶୋର ଜେନା, ମନୋରଜନ ଦାଶ, ବିଶ୍ୱଜିତ ଦାଶ, ମାନସ ଆଚାର୍ଯ୍ୟ, ପ୍ରକାଶ ଜେନା, ଚିନ୍ମୟ ସୁନ୍ଦର ଦାସ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ସନତ ଦାସ, ଅମୀୟ ପଟ୍ଟନାୟକ, ଶ୍ରୀନିବାସ ରାଉତରାୟ, ତରୁଣ ମିଶ୍ର, ବିଶ୍ୱଜିତ ଦାଶ, ନଜିବୁର ରହମନ ଖାଁ, ରଜନୀ ମହାଁ, ସୁଶା' ତ୍ରିପାଠୀ, ଜୟକୃଷ୍ଣ ସୁବୁଦ୍ଧି, ମନୋରଜନ ରାଉତରାୟ, ପ୍ରଶା' ଚମ୍ପତି, ଆଲୋକ ମହାଁ, ନିକୁ ପଶାୟତ, ସୁଧାଂଶୁ ମହାଁ, ମାସୁଦ ଅଲ୍ଲୀ, ମିହିର ଆଚାର୍ଯ୍ୟ, ସଂଜୟ ମିଶ୍ର, ବିନୋଦ ପାଣି, ମୋଟରାଜ ଢୁଙ୍ଗଢୁଙ୍ଗ, ସଂଜୟ ରାଉତ, ବିଜୟ ଦ୍ୱିବେଦୀ, ଖଗେଶ୍ୱର ମଲ୍ଲିକ, ଦେବେନ୍ଦ୍ର ଦାସ, ସ'ୋଷ ମହାଁ, ଶରତ ଚନ୍ଦ୍ର ସେଠୀ, ଛବି ମହାଁ, ବସ' ପଣ୍ଡା, ରନ ଭୋଇ, କୁଳମଣି ସାହୁ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଚରଣ ମାଝୀଙ୍କ ସ୍ମୃତିଚାରଣ ସଭା



ଭୁବନେଶ୍ୱର,(ପି.ଏନ): ସାଲିଆ ସାହିର ବରିଷ୍ଠ ମୁରବୀ ଚରଣ ମାଝୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳନ ଓ ସ୍ମୃତିଚାରଣ ସଭା ସାଲିଆ ସାହି ନୀରଙ୍କାରୀ ନଗର ସ୍ଥିତ ବାସଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଉ□ର ବିଧାୟକ ସୁଶା' ରାଉତ, ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ସୁବାସ ପାତ୍ର, ବରିଷ୍ଠ ସାମ୍ବାଦିକ ସୁକା' ରାଉତ ଓ ଉ□ରର ବହୁ କର୍ପୋରେଟର, ରାଜନେତା, ସାମ୍ବାଦିକ, ସମାଜସେବୀ, ମୁରବିମାନେ ଯୋଗଦେଇ ସ୍ୱର୍ଗତ ଚରଣ ମାଝୀଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସରଳ, ଉଦାର ହୃଦୟର ବ୍ୟକ୍ତି ଥିଲେ। ସାଲିଆ ସାହିରେ ୩୦ ବର୍ଷ ରହଣି କାଳ ମଧ୍ୟରେ ସେ ଲୋକମାନଙ୍କ ସହିତ ମିଶି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିବା ସହିତ ବହୁ ସମସ୍ୟାର ସମାଧାନ କରିଛଁି। ତାଙ୍କ ଆବ□ମାନରେ ସାଲିଆ ସାହିର ମୁରବିଶ୍ରେଣୀରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ଉପଲକ୍ଷେ ପରିବାର ପକ୍ଷରୁ ନାମ ସଂକୀ□ନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୁତ୍ର ବଂଶୀଧର ମାଝୀ, ସୁଧାକର ମାଝୀ, ଚକ୍ରଧର ମାଝୀ, ଜିତେନ୍ଦ୍ର ମାଝୀ ଓ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ ଯୋଗଦାନ ହୋଇଥିଲେ।

## ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଜଗତସିଂହପୁର, (ପି ଏନ) : ଦୁର୍ନୀତି ଏପରି ଏକ ବିଷବୃକ୍ଷ ଯାହା ଦେଶ ତଥା ରାଜ୍ୟର ପ୍ରଗତି ପଥରେ ସାଜିଛି ପ୍ରତିବନ୍ଧକ। ତେଣୁ ଓଡିଶା ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୮ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି।ଏଥିପାଇଁ ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ର ଆୟୋଜନ କରାଯାଇଥିଲା । 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧି ର ଭିତ୍ତି' ମୂଳମନ୍ତ୍ର ରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ, ଜଗତସିଂହପୁର, ଶ୍ରୀ ଅମରେନ୍ଦ୍ର ଦାସ ଉପସ୍ଥିତ ସମସ୍ତ ଙ୍କୁ ଦୁର୍ନୀତି କୁ ପ୍ରଶ୍ରୟ ନଦେଇ ସମସ୍ତଙ୍କ ସହଯୋଗ ରେ ଏହାକୁ ବିରୋଧ କରିବାକୁ କହିଥିଲେ। ବର୍ତ୍ତମାନ ସରକାରଙ୍କ ତରଫରୁ ସମସ୍ତ କାର୍ଯ୍ୟ ଅନଲାଇନ ଜରିଆରେ ହେଉଥିବାରୁ ସ୍ୱଚ୍ଛତା ଆସିପାରିଛି। ତେଣୁ ସମସ୍ତଙ୍କ ର ସହଯୋଗରେ ତଥା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପାରିଲେ ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ଶ୍ରୀ ଦାସ କହିଥିଲେ।




## ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ଅଭିଭାବକଙ୍କ ଦାବୀପତ୍ର




ଜଗତସିଂହପୁର,(ପି ଏନ): ଜଗତସିଂହପୁର ରଘୁନାଥପୁର ବ୍ଲକ ଶିକ୍ଷା ଅଧୀନ ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳିପାଇଁ ବିଦ୍ୟାଳୟ ପରିଚ଼ାଳନା କମିଟି ସଦସ୍ୟ ଓ ଅଭିଭାବକ ମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ୬ ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି ।ନବମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ହେବାକୁ ଥିବା ଏନଆରଟିଏସ ପରୀକ୍ଷା ବିଷୟରେ ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଅବଗତ ନକରାଇବା, ପ୍ରଧାନଶିକ୍ଷୟିତ୍ରୀଙ୍କ ଅଜ୍ଞାନ୍ତ କାରଣରୁ ଛାତ୍ରଛାତ୍ରୀମାନେ ପଠାଣିସାମନ୍ତ ମେଧାବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ରହିବା, ପ୍ରତିମାସରେ ଏକ ଦିନରେ ଏକ ସମୟରେ ୪ ରୁ ୫ ଜଣ ଶିକ୍ଷୟିତ୍ରୀ ମାନେ ଏକ କାଳୀନ ଛୁଟିରେ ରହୁଛନ୍ତି, ବିଦ୍ୟାଳୟ ଶିକ୍ଷୟିତ୍ରୀ ମାନେ ଜିଲ୍ଲା ବାହାରୁ କଟକ ଭୁବନେଶ୍ୱରରୁ ଆସୁଥିବାରୁ ସଠିକ ସମୟରେ ବିଦ୍ୟାଳୟକୁ ନଆସିବା, ବିଦ୍ୟାଳୟରେ ପାଳନ ହେଉଥିବା ବିଭିନ୍ନ ଦିବସ ମାନଙ୍କରେ ଶିକ୍ଷୟିତ୍ରୀ ମାନେ ଅନୁପସ୍ଥିତ ରହିବା,ସ୍କୁଲରେ ଛାତ୍ର ଛାତ୍ରୀମାନଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଥିବା ସହିତ ବିଭିନ୍ନ ସମସ୍ୟାକୁ ପ୍ରଧାନଶିକ୍ଷୟିତ୍ରୀ ଦୃଷ୍ଟି ଦେଉନଥିବା ଆଦି ଅଭିଭାବକ ମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ସମସ୍ୟା ଗୁଡିକ ଯୋଗୁ ବିଦ୍ୟାଳୟରେ ଶିକ୍ଷାଧାନ ବାଧାପ୍ରାପ୍ତ ହେଉଥିବା ବେଳେ ପ୍ରଧାନ ଶିକ୍ଷକ ମଧ ଏଥିରେ ସାମିଲ ରହିଛନ୍ତି ।ତେଣୁ ଅଭିଭାବକ ମାନେ ଜିଲ୍ଲାଶିକ୍ଷାଧିକାରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ପାଇଁ ଦାବୀପତ୍ର ପ୍ରଦାନ କରିଛନ୍ତି ।ଏହି ଦାବି ପତ୍ର ପ୍ରଦାନରେ ଆଦିକନ୍ଦ ଭୋଇ, ସୁଷମା କୁମାରୀ ସାହୁ, ଲୋକନାଥ ଖଟେଇ, ସୁବାଷ ଖଟେଇ, ଲକ୍ଷ୍ମୀଧର ଭୋଇ, ପ୍ରମୋଦ ମଲ୍ଲିକ, ଚ଼ିତ୍ତରଞ୍ଜନ ଦାସ, ହେମନ୍ତ କୁମାର ପୃଷ୍ଟି, ଶଙ୍କର ମଲ୍ଲିକ, ସୁବାଷ ଭୋଇ, ସୁଶାନ୍ତ ମଲ୍ଲିକ, କବିତା ସେଠି, ଅଖିଳ ରଞ୍ଜନ ସାହୁଙ୍କ ସମେତ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray